بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 40

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

03 ଅକ୍ଟୋବର 2019 | 03 ଇଖା 1398 ହି.ଶ | 03 ସଫର୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَالَّذِیۡنَ اِذَا فَعَلُوۡا فَاحِشَۃً اَوۡ ظَلَمُوۡۤا
اَنۡفُسَہُمۡ ذَکَرُوا اللّٰہَ فَاسۡتَغۡفَرُوۡا
لِذُنُوۡبِہِمۡ ۪ وَمَنۡ یَّغۡفِرُ الذُّنُوۡبَ اِلَّا اللّٰہُ ۪۟
وَلَمۡ یُصِرُّوۡا عَلٰی مَا فَعَلُوۡا وَہُمۡ یَعۡلَمُوۡنَ ۝

(آل عمران:136)

ଅନୁବାଦ- ଯେଉଁମାନେ କୌଣସି କୁକାର୍ଯ୍ୟ କରିବା ଅବସ୍ଥାରେ ବା ନିଜ ପ୍ରତି ଅତ୍ୟାଚାର କରିବା ଅବସ୍ଥାରେ ଅଲ୍ଲାଃଙ୍କୁ ସ୍ମରଣ କରନ୍ତି ଓ ନିଜର ଦୋଷ ପାଇଁ କ୍ଷମା ପ୍ରାର୍ଥନା କରନ୍ତି; ଏବଂ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କିଏ ଦୋଷ କ୍ଷମା କରିପାରିବ ? ଏବଂ ସେମାନେ ଯାହା କିଛି (କୁକାର୍ଯ୍ୟ) କରିଥାନ୍ତି ସେ ବିଷୟରେ ଜାଣିଶୁଣି ଜିଦ୍ କରନ୍ତି ନାହିଁ ।

*(ଆଲେ ଇମରାନ୍: ୧୩୬)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫିଁଉମ୍‌ରିହି ୱ ଅମ୍‌ରିହି ॥

**ଇଶ୍ୱରଙ୍କ ଶକ୍ତି କେବେ ବିବଶ ହୁଏ ନାହିଁ ଓ ସେ ଥକି ଯାଏନାହିଁ । *ୱ ହୁୱ ବିକୁଲ୍ଲି ଖଲ୍‌କିନ୍ ଅଲ୍ଲିମ* (ଅର୍ଥାତ ପ୍ରତ୍ୟେକ ସୃଷ୍ଟିର ଅବସ୍ଥା ସମ୍ବନ୍ଧରେ ସେ ଭଲ ଭାବେ ଅବଗତ ଅଛନ୍ତି । *ଅଫ୍‌ଅୟୟିନା ବିଲ୍‌ଖଲ୍‌କିଲ୍ ଅୱଲି* (ଅର୍ଥାତ ଆମେ କ'ଣ ପ୍ରଥମ ସୃଷ୍ଟି ଯୋଗୁଁ କ୍ଲାନ୍ତ ହୋଇଯାଇଛୁ ?) ଏହା ହେଉଛି ତାହାର ଶ୍ରେଷ୍ଠତା । କେତେବଡ଼ ବୁଦ୍ଧିମାନ ଓ ଜ୍ଞାନୀ ବ୍ୟକ୍ତି ହେଉ ପଛେ ସେ ଖୁଦାତାଲାଙ୍କ ଅନନ୍ତ ଶକ୍ତି ଓ କାର୍ଯ୍ୟର ଆକଳନ କେବେ ହେଲେ କରିପାରିବ ନାହିଁ । ବରଂ ତାକୁ ଅସମର୍ଥତା ପ୍ରକାଶ କରିବାକୁ ହେବ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଦେଖ ଅଲ୍ଲାଃ ତାଲା (କିପରି) ମନୁଷ୍ୟକୁ ବୀର୍ଯ୍ୟରୁ ସୃଷ୍ଟି କରିଛି ଏହି ଶବ୍ଦଟିକୁ କହିଦେବା ସହଜ ଓ ବିଲକୁଲ୍ ସହଜ ଅଟେ ଓ ଏହା ଏକ ସାଧାରଣ କଥା ଲାଗୁଛି କିନ୍ତୁ ଏହା ହେଉଛି ଏକ ଭେଦ ଓ ଏପରି ରହସ୍ୟମୟ ଯେ, (କିପରି) ଗୋଟିଏ ବିନ୍ଦୁମାତ୍ର ଜଳରୁ ସେ ମନୁଷ୍ୟକୁ ସୃଷ୍ଟି କରୁଛି ଓ ତା ମଧ୍ୟରେ ଏପରି ଶକ୍ତି ଭରି ରଖିଛି । କ'ଣ କୌଣସି ବୁଦ୍ଧିର (ଏପରି) ଶକ୍ତି / ସାମର୍ଥ୍ୟ ଅଛି ଯେ ସେ ତା'ର ସ୍ଥିତି ଓ ରହସ୍ୟତତ୍ୱକୁ ପଂହଚି ପାରିବ । ଡ଼ାକ୍ତର ଓ ଦାର୍ଶନିକମାନେ ବହୁତ ଚେଷ୍ଟା କରିଛନ୍ତି କିନ୍ତୁ ସେମାନେ ତା'ର ମୁଳତତ୍ୱ ବିଷୟରେ ଅବଗତ ହୋଇପାରିନାହାନ୍ତି । ସେହିପରି ଗୋଟିଏ ଗୋଟିଏ ଅଣୁ ଇଶ୍ୱରଙ୍କ ଅଧିନରେ ରହିଛି । ଅଲ୍ଲାଃ ତାଲା ଏହାର ଶକ୍ତି ରଖିଛନ୍ତି ଯେ, ଏହି ବାହ୍ୟ ପଦ୍ଧତି ମଧ୍ୟ ସେହିପରି ରହୁ ଓ ଏକ ଚମତ୍କାରିତା ମଧ୍ୟ ପରିପ୍ରକାଶ ହେଉ । ବୁଦ୍ଧିମାନ ଲୋକେ ଏପରି ପରସ୍ଥିତିକୁ ଖୁବ୍ ନିରୀକ୍ଷଣ କରିଥାନ୍ତି ଓ ସେଥିରୁ ଲାଭ ଉଠାଇଥାନ୍ତି । କେତେକ ଲୋକ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ଛୋଟ ଛୋଟ ଓ ମାମୁଲି ମାମୁଲି କଥାରେ ଆପତି ଅଭିଯୋଗ କରିଥାନ୍ତି । ଓ ସନ୍ଦେହରେ ପଡ଼ିଯାଆନ୍ତି ଉଦାହରଣ ସ୍ୱରୁପ ଇବ୍ରାହିମ୍ ଆ:ସଙ୍କୁ ନିଆଁ ଜାଳିପାରିଲା ନାହିଁ । ଏ ବିଷୟ ମଧ୍ୟ ଶକ୍‌କୁଲ୍ କମର୍ (ଅର୍ଥାତ ଚନ୍ଦ୍ର ଦୁଇଫାଳ ହେବା) ସଦୃଶ । ଇଶ୍ୱର ଖୁବ୍ ଭଲ ଭାବେ ଜାଣିଛନ୍ତି ଯେ, କେତେ ମାତ୍ରାରେ ନିଆଁ ଜଳାଇବାକୁ ହୁଏ ଓ କେଉଁ ସବୁ ସାଧନ/କାରଣ ସୃଷ୍ଟି ହେଲେ ତାହା ଲିଭିଯାଏ । ଯଦି ଏପରି ଉଦ୍ଦେଶ୍ୟ ପ୍ରକାଶ ହୋଇଯାଏ ବା ତାଙ୍କୁ ବତାଇ ଦିଆଯାଏ, ତେବେ ତତ୍‌କ୍ଷଣାତ୍ ମାନି ଯିବେ । କିନ୍ତୁ ଏପରି ପରିସ୍ଥିତିରେ ଇମାନ୍ ବିଲ୍ ଗଏବ୍ (ଅର୍ଥାତ ଅଦୃଶ୍ୟ ଉପରେ ବିଶ୍ୱାସ ଆଣିବା) ଓ ସଦ୍‌ଭାବର ଆନନ୍ଦ ଓ ଉତମତା କ'ଣ ପ୍ରକାଶ ହେବ । ଆମେ ଏ କଥା ମଧ୍ୟ କହିନାହୁଁ ଯେ, ଇଶ୍ୱର ସାଧନ ସୃଷ୍ଟି କରିନାହାନ୍ତି କିନ୍ତୁ କିଛି ସାଧନ ଏପରି ଅଛି ଯାହା ଦୃଶ୍ୟମାନ ଓ କିଛି ଅଦୃଶ୍ୟ । ସୁତରାଂ ଇଶ୍ୱରଙ୍କ କାର୍ଯ୍ୟ ହେଉଛି ଭାନ୍ତି ଭାନ୍ତି ବିବିଧ । ଇଶ୍ୱରଙ୍କ ଶକ୍ତି କେବେ ବିବଶ ହୁଏ ନାହିଁ ଓ ସେ ଥକି ଯାଏନାହିଁ । ***ୱ ହୁୱ ବିକୁଲ୍ଲି ଖଲ୍‌କିନ୍ ଅଲ୍ଲିମ*** (ୟାସିନ୍:୮୦) (ଅର୍ଥାତ ପ୍ରତ୍ୟେକ ସୃଷ୍ଟିର ଅବସ୍ଥା ସମ୍ବନ୍ଧରେ ସେ ଭଲ ଭାବେ ଅବଗତ ଅଛନ୍ତି । ***ଅଫ୍‌ଅୟୟିନା ବିଲ୍‌ଖଲ୍‌କିଲ୍ ଅୱଲି*** (କାଫ୍: ୧୬) (ଅର୍ଥାତ ଆମେ କ'ଣ ପ୍ରଥମ ସୃଷ୍ଟି ଯୋଗୁଁ କ୍ଲାନ୍ତ ହୋଇଯାଇଛୁ ?) ଏହା ହେଉଛି ତାହାର ଶ୍ରେଷ୍ଠତା । କେତେବଡ଼ ବୁଦ୍ଧିମାନ ଓ ଜ୍ଞାନୀ ବ୍ୟକ୍ତି ହେଉ ପଛେ ସେ ଖୁଦାତାଲାଙ୍କ ଅନନ୍ତ ଶକ୍ତି ଓ କାର୍ଯ୍ୟର ଆକଳନ କେବେ ହେଲେ କରିପାରିବ ନାହିଁ । ବରଂ ତାକୁ ଅସମର୍ଥତା ପ୍ରକାଶ କରିବାକୁ ହେବ ।

ମୋତେ ଏକ ଘଟଣା ମନେ ପଡୁଛି ଡ଼ାକ୍ତରମାନେ ଖୁବ୍ ଜାଣିଛନ୍ତି ଅବଦୁଲ୍ କରିମ୍ ନାମକ ଜଣେ ବ୍ୟକ୍ତି ମୋ ନିକଟକୁ ଆସିଲେ ତାଙ୍କ ଦେହରେ ଏକ ଆବୁ ଥିଲା ତାହା ମଳାଶୟ ଆଡ଼କୁ ବଢ଼ି ଚାଲିଥିଲା ଡ଼ାକ୍ତରମାନେ ତାକୁ କହିଲେ ଯେ ଏହାର କୌଣସି ଉପଚାର ନାହିଁ (ତେଣୁ) ତାକୁ ବନ୍ଧୁକ ଚଳାଇ ମାରିଦେବା ଉଚିତ । ସୁତରାଂ ଏମିତି ବହୁତ ପ୍ରକାରର ରୋଗ ଅଛି, ସେ ସବୁର ପରିସ୍ଥିତି ବିଷୟରେ ଡ଼ାକ୍ତରମାନେ ଭଲ ଭାବେ ଅବଗତ ନୁହନ୍ତି । ଉଦାହରଣ ସ୍ୱରୁପ ତାଉନ୍ (ପ୍ଲେଗ) ବା ହଇଜା ହେଉଛି ଏପରି ରୋଗ ଯେ ଡ଼ାକ୍ତରମାନଙ୍କୁ ଯଦି ପ୍ଲେଗ ଡ୍ୟୁଟିରେ ମୁତୟନ କରାଯାଏ ତେବେ ତାଙ୍କୁ ନିଜକୁ ହିଁ ପତଳା ଝାଡ଼ା ହୋଇଯାଇଥାଏ । ମଣିଷ ଯଥା ସମ୍ଭବ ଜ୍ଞାନ ଆହାରଣ କରୁ ଓ ଦଶର୍ନ ଶାସ୍ତ୍ରର ଗବେଷଣାରେ ମଗ୍ନ ହୋଇଯାଉ କିନ୍ତୁ ପରିଶେଷରେ ସେ ଜାଣିପାରିବ ଯେ, ସେ କିଛି କରିନାହିଁ । ହଦୀସ୍‌ରେ ଆସିଛି ଯେ ଯେଉଁଭଳି ସମୁଦ୍ର କୁଳରେ ଏକ ପକ୍ଷୀ ତା ଥଂଟରେ ପାଣି ଭର୍ତି କରିଥାଏ ସେହିପରି ଖୁଦାତାଲାଙ୍କ ବାଣୀ ଓ କାର୍ଯ୍ୟ ସମ୍ବନ୍ଧରେ ସେତିକି ମାତ୍ରାରେ ଜ୍ଞାନ ଓ ତତ୍ୱରୁ ତାକୁ ଭାଗ ମିଳିଥାଏ । ପୁଣି କେଡ଼େ ଅସମର୍ଥ ହେଉଛି ମଣିଷ ! ହଁ ଅବୋଧ ଦାର୍ଶନିକ ତା'ର ମାନ ଏବଂ ଅହଙ୍କାର ଯୋଗୁଁ ଖୁଦାତାଲାଙ୍କ ଏକ କାର୍ଯ୍ୟ ଶକ୍‌କୁଲ୍ କମର୍ ଉପରେ ଆପତି କରି ତାକୁ ପ୍ରକୃତିର ନିୟମ ବିରୋଦ୍ଧି କାର୍ଯ୍ୟ ବୋଲି ଅଭିହିତ କରୁଅଛି । ଆମେ ଏ କଥା କହୁନାହୁଁ ଯେ, ଆପତି ନ କର । ନୁହେଁ, କର ଓ ନିଶ୍ଚିତ ରୂପେ କର, ଆଗ୍ରହରେ ମନ ଖୋଲିକି କର । କିନ୍ତୁ ଦୁଇଟି କଥାକୁ ଆଖି ଆଗରେ ରଖିଥାଅ । ପ୍ରଥମଟି ହେଉଛି ଇଶ୍ୱରଭୟ, ଦ୍ୱିତୀୟତ ବଡ଼ ବଡ଼ ଦାର୍ଶନିକମାନେ ମଧ୍ୟ ପରିଶେଷରେ ସ୍ୱୀକାର କରିବାକୁ ବାଧ ହୋଇଛନ୍ତି ଯେ, ଆମେ ହେଉଛୁ ମୂର୍ଖ । ସର୍ବଦା ବୁଦ୍ଧିର ଅନ୍ତ ହିଁ ମୂର୍ଖତାର ଅନ୍ତରେ ହୋଇଥାଏ, ଉଦାହରଣ ସ୍ୱରୁପ ଡ଼ାକ୍ତରଙ୍କୁ ପଚାରି ବୁଝ ଯେ, ପୋଲା ସ୍ନାୟୁକୁ ସେମାନେ ସମସ୍ତେ ଜାଣିଛନ୍ତି ଓ ବୁଝିଛନ୍ତି କିନ୍ତୁ ନୂର୍ (ଅର୍ଥାତ ଜ୍ୟୋତି)ର ମୂଳତତ୍ୱ ଓ ତାହାର ରହସ୍ୟ ବିଷୟରେ ତ ବତାଅ ତାହା କ'ଣ ? ଶବ୍ଦର ସ୍ୱଭାବ ପଚାରିଲେ ସେମାନେ କହିଦେବେ ଯେ, କାନର ପରଦା ଏମିତି ହୋଇଥାଏ ଓ ସେମିତି ହୋଇଥାଏ କିନ୍ତୁ ତା'ର ମୂଳତତ୍ୱକୁ ବତାଇପାରିବେ ନାହିଁ । ଅଗ୍ନୀର ତାପ ଓ ଜଳର ଶୀତଳତା ବିଷୟରେ କ'ଣ କାରଣ ରହିଛି ଉତର ଦେଇପାରିବେ ନାହିଁ । ବସ୍ତୁର ଭେଦ ପର୍ଯ୍ୟନ୍ତ ପଂହଚିବା କୌଣସି ହକିମ୍ ବା ଦାର୍ଶନିକଙ୍କ କାର୍ଯ୍ୟ ନୁହେଁ । ଦେଖନ୍ତୁ ଆମ ଚେହେରା ଦର୍ପଣ ଭିତରେ ପ୍ରତିଫଳିତ ହୋଇଥାଏ କିନ୍ତୁ ଆମ ମୁଣ୍ଡଟି କଟି କାଚ ଭିତରକୁ ଚାଲିଯାଏ ନାହିଁ । ଆମେ ମଧ୍ୟ ସୁରକ୍ଷିତ ଥାଉଁ ଓ ଆମର ଚେହେରା ମଧ୍ୟ ଦର୍ପଣ ଭିତରେ ଦିଶୁଥାଏ । ତେଣୁ ମନେରଖ ଯେ ଅଲ୍ଲାଃ ତାଲା ଖୁବ୍ ଭଲଭାବେ ଜାଣିଛନ୍ତି ଯେ, ଏପରି ହୋଇପାରେ କି ଚନ୍ଦ୍ର ଦୁଇଖଣ୍ଡ ହୋଇଯିବ ଓ ଖଣ୍ଡ ହୋଇ ମଧ୍ୟ ସଂସାରର ବ୍ୟାବସ୍ଥାରେ କୌଣସି ବିକାର ଆସିବ ନାହିଁ । ଅସଲ କଥା ହେଉଛି ଏହା କି ଏହା ସବୁ ହେଉଛି ବସ୍ତୁର ବିଶେଷତା । କିଏ ଏକଥାକୁ ପାରିପାରେ । ତେଣୁ ଖୁଦାତାଲାଙ୍କ ଐଶି କାର୍ଯ୍ୟ ଓ ଚମତ୍କାରକୁ ଅସ୍ୱୀକାର କରିବା ଓ ଅସ୍ୱୀକାର କରିବାରେ ଶିଘ୍ର କରିବା ହେଉଛି ଅବୋଧ ମାନଙ୍କର କାର୍ଯ୍ୟ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୭୬-୭୮, ମୁଦ୍ରଣ ୨୦୧୮ କାଦିୟାନ)*


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୭ ର ଅବଶିଷ୍ଟାଂଶ ...*

ଆଧାରିତ କାରଣ ମୁଁ ତାଙ୍କୁ ନିଜେ ଜାଣିଛି । ବାସ୍ତବରେ ସେ ଏପରି ହିଁ ଥିଲେ ।

ମୁବାରକ ସିଦ୍ଦିକ ସାହେବ୍ ଲେଖୁଛନ୍ତି ଯେ ମରହୁମ୍ ତାହେର୍ ଆରିଫ୍ ସାହେବଙ୍କ ସ୍ୱଭାବରେ ବିନମ୍ରତା ଥିଲା ଏବଂ ଯୁଗ ଖଲିଫାଙ୍କ ସହିତ ବହୁତ ଭକ୍ତି ଓ ଆଜ୍ଞାନୁବର୍ତିତାର ସମ୍ବନ୍ଧ ରଖିଥିଳେ । ବହୁତ ଉଚ୍ଚ କୋଟିର କବି ଓ ସାହିତ୍ୟିକ ଥିଲେ । ସେ କହୁଛନ୍ତି ମୁଁ ଏକଦା ତାଙ୍କୁ କହିଲି କୌଣସି ଏକ ଅଭେପ୍ରେତ ପଦ ଶୁଣାନ୍ତୁ । ଏଥିରେ ସେ ଖିଲାଫତ୍ ସହିତ ଭକ୍ତିଭାବ ସର୍ମ୍ପକରେ ନିଜ ରଚିତ ଏହି ପଦଟିକୁ ଶୁଣାଇଲେ ।

**ଆକା ତେରା ଗୁଲାମ୍ ତେରେ ପାସ୍ ହୋ କଭି**
**କଦ୍‌ମୋଁ ମେ ଲୌଟ୍ ଯାଏ ବଦନ୍ ଘାସ୍ ହୋ କଭି ।।**

ସେ କହୁଛନ୍ତି ଯେ ଦିନେ ବନ୍ଧୁତ୍ୱପୂର୍ଣ୍ଣ ବୈଠକରେ ମୁଁ କହିଲି ତାହେର୍ ସାହେବ ! ଅଲ୍ଲାଃ ତାଲା ପ୍ରତ୍ୟେକ ଅହେମଦୀଙ୍କୁ କୌଣସି ନା କୌଣସି ପ୍ରକାରେ ବହୁତ ସମ୍ମାନ ପ୍ରଦାନ କରିଛି । ଆପଣଙ୍କୁ ପୋଲିସ୍ ବିଭାଗରେ ବହୁତ ବଡ଼ ପଦବୀ ମିଳିଛି । ଏଥିରେ ସେ କହିଲେ ଏହା ଠାରୁ ବହୁତ ଅଧିକା ସମ୍ମାନ ହେଉଛି ଏହା କି ମୁଁ ଜଣେ ଅହେମଦୀ । ତା'ପରେ ସେ ମୋ ସହିତ (ଅର୍ଥାତ ହଜୁରଙ୍କ ସହିତ) ପାଠ ପଢ଼ିବା ସନ୍ଦର୍ଭରେ କହିଲେ ଯେ ମୁଁ ଖଲିଫାଙ୍କର କ୍ଲାସ୍‌ଫେଲୋ ମଧ୍ୟ ରହିସାରିଛି । ଏହା ମୋ ପାଇଁ ବହୁତ ସମ୍ମାନର ବିଷୟ । ତାଙ୍କ ବାପ ମୋହ୍‌ତରମ୍ ମୌଲାନା ମୁହମ୍ମଦ ୟାର ଆରିଫ୍ ସାହେବ ଶିକ୍ଷା ଗ୍ରହଣ କରିବା ପାଇଁ ତାଙ୍କୁ ରବ୍‌ୱା ପଠାଇ ଥିଳେ । କଲେଜ୍ ପଠାଇଥିଲେ । ସେ ସମୟରେ ଆମ କଲେଜ୍ କିଛି ବର୍ଷ ପରେ ହିଁ ଜାତୀୟ କରଣ ହୋଇ ସାରିଥିଲା ସେଥିଯୋଗୁଁ ତାଙ୍କର ହଷ୍ଟେଲରେ ରହିବା ପରିବର୍ତେ ଦାରୁଲ୍ ଜିୟାଫତ୍‌ରେ ବ୍ୟବସ୍ଥା ନିମନ୍ତେ ତାଙ୍କ ବାପା ଖଲିଫତୁଲ୍ ମସିହ୍ ସାଲିସ୍‌ଙ୍କୁ ଦରଖାସ୍ତ ଦେଇଥିଲେ । ହଜରତ ଖଲିଫତୁଲ୍ ମସିହ ସାଲିସ୍ ରହେମୁଲ୍ଲାହଙ୍କ ସହିତ ତାଙ୍କ ବାପାଙ୍କର ବହୁତ ଉତମ ସର୍ମ୍ପକ ଥିଲା । ସୁତରାଂ ସେ ତାଙ୍କ ପାଇଁ ଦାରୁଲ୍ ଜିୟାଫତ୍‌ରେ ବ୍ୟବସ୍ଥା କରିଦେଲେ । ସେଠାରେ ରହି ସେ ତାଙ୍କର ପାଠପଢ଼ା ଶେଷ କଲେ । ଛାତ୍ର ସମୟରେ ନିଃସଙ୍କୋଚ ଅବସ୍ଥାରେ ବହୁତ କଥା ହୋଇଯାଏ. ଥଟ୍ଟା ପରିହାସ ହୁଏ କିନ୍ତୁ ଯେବେ ହଜରତ ଖଲିଫତୁଲ୍ ମସିହ ଭାବେ ରହେମୁଲ୍ଲାଃ ମତେ ନାଜିର ଆଲା ମୁତୟନ କଲେ । ସେବେଠାରୁ ସେ ମୋ ସହିତ ବହୁତ ସମ୍ମାନ ଦେଖାଇବା ଆରମ୍ଭ କରିଦେଲେ ଓ ପୁଣି ଖିଲାଫତ ପରେ ସେ ଅଲ୍ଲାଃଙ୍କ ଫଜଲ୍‌ରୁ ନିଷ୍ଠା ଓ ଭକ୍ତିରେ ବହୁତ ଆଗକୁ ଚାଲିଯାଇଥିଲେ ।

ଅଲ୍ଲାଃ ତାଲା ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଓ ତାଙ୍କ ପ୍ରତି ସଦୟ ହୁଅନ୍ତୁ । ତାଙ୍କ ପଦମର୍ଯ୍ୟାଦାକୁ ଉଚ୍ଚତର କରନ୍ତୁ । ତାଙ୍କ ପିଲାମାନଙ୍କୁ ମଧ୍ୟ ପୂର୍ଣ୍ଣ ଭକ୍ତିଭାବ ସହିତ ଯମାତ ଓ ଖିଲାଫତ ସହିତ ଯୋଡ଼ି ରଖନ୍ତୁ । ତାଙ୍କ ସାଙ୍ଗସାଥିମାନେ, ନିକଟ ସର୍ମ୍ପକୀୟ ଓ ବନ୍ଧୁ ବାନ୍ଧବମାନେ ମଧ୍ୟ ଏହି କଥା ଲେଖିଛନ୍ତି ଯେ ସେ ବହୁତ ବିନୟି ଥିଲେ । ବିନମ୍ର ଥିଲେ ଓ ଅଲ୍ଲାଃଙ୍କ କୃପାରୁ ଜ୍ଞାନୀ ବ୍ୟକ୍ତି ଥିଲେ ।

ଏବେ ନମାଜ ପାଠ ପରେ ମୁଁ ତାଙ୍କର ଯନାଜାଃ ପଢ଼ାଇବି । ଯନାଜାଃ ଉପସ୍ଥିତ ଅଛି । ତେଣୁ ନମାଜ ପାଠ ପରେ ଇନ୍‌ଶାଅଲ୍ଲାଃ ବାହାରକୁ ଯାଇ ମୁଁ ଯନାଜାଃ ପଢ଼ାଇବି । ଯନାଜାଃ ପଢ଼ିବା ପାଇଁ ଲୋକମାନେ ଏଠାରେ ଧାଡ଼ିରେ ଛିଡ଼ା ହୁଅନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଆଉଜଣେ ଅତିଥି ବେରି ବର୍ଣ୍ଣାଡ୍ ସାହେବ୍ ଯିଏ ପୋଲିସ୍ ଡିପାର୍ଟମେଂଟ୍‌ରେ ବିଗତ ୪୦ ବର୍ଷ ହେବ କାର୍ଯ୍ୟ କରୁଛନ୍ତି, ସେ କହୁଛନ୍ତି:- "ମୁଁ ସମସ୍ତଙ୍କୁ ଏହି ମସ୍‌ଜିଦ୍ ପାଇଁ ଶୁଭେଚ୍ଛା ଜଣାଉଛି । ମୋ ପାଇଁ ଏହା ବହୁତ ବଡ ସମ୍ମାନର କଥା ଯେ ଆଜି ମୋତେ ଏହି ଉତ୍ସବରେ ଯୋଗ ଦେବା ପାଇଁ ମୌକା ମିଳିଛି" । ପୁଣି ସେ କହୁଛନ୍ତି ଯେ "ମୁଁ ଜାଣୁଛି ଯେ ହଜୁର୍ ଅନୁୱ୍‌ର୍‌ଙ୍କ ଆଜିର ଏହି ଅଭିଭାଷଣରେ ସାରା ପୃଥିବୀବାସୀଙ୍କ ପାଇଁ ବାର୍ତା ଥିଲା । ଏଥିରେ ଶାନ୍ତି, ପ୍ରେମ, ଭଲପାଇବା ଓ ଅଧିକାର ସମ୍ବନ୍ଧରେ ଆବଶ୍ୟକ ମୁତାବକ ଉପଦେଶ ଦିଆଯାଇଛି । ଆମର ଏଠାରେ ବିଭିନ୍ନ ଜାତି ଓ ବର୍ଣ୍ଣର ୪ଲକ୍ଷ ଷାଠିଏ ହଜାର ଲୋକ ବସବାସ କରୁଛନ୍ତି । ଆଜିର ଏହି ବାର୍ତାରେ ସବୁଠାରୁ ଗୁରୁତ୍ୱପୂର୍ଣ କଥା ଥିଲା ପଡୋଶୀମାନଙ୍କ ମାନଙ୍କ ଅଧିକାର ପ୍ରଦାନ କରିବା ।"

ଆଉଜଣେ ଅତିଥି ରିଭରେଣ୍ଡ୍ କାର୍ଲୋଟି ରେମଣ୍ଡ୍ ସାହିବା କହୁଛନ୍ତି:- "ଏକଥା ଜାଣି ମୋତେ ବହୁତ ଖୁସି ଲାଗିଲା ଯେ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ଏପରି ଲୋକ ମଧ୍ୟ ଅଛନ୍ତି ଯେଉଁମାନେ ପ୍ରେମ ଓ ଭଲପାଇବାର ବାର୍ତାକୁ ପ୍ରଚାର ପ୍ରସାର କରୁଛନ୍ତି" ।

ଆଉଜଣେ ଅତିଥି ଡକ୍ଟର୍ ଲିସା ଷ୍ଟୁଆଟ୍ ସାହିବା କହୁଛନ୍ତି ଯେ:- "ଏଠାକୁ ଆସିବା ପୂର୍ବରୁ ମୋତେ ଇସ୍‌ଲାମ୍ ସମ୍ବନ୍ଧରେ କିଛି ସନ୍ଦେହ ଥିଲା ଓ ଏଠାକୁ ଆସି ସବୁକିଛି ଦେଖିବା ପରେ ମୁଁ ଏହା ପାଇଲି ଯେ ଏ ଜମାତ୍‌ରେ ପ୍ରେମଭାବ ଭରି ରହିଛି ଓ ଖଲିଫାଙ୍କ ପାଇଁ ଜମାତ୍‌ର ଥିବା ପ୍ରେମ ଓ ସମ୍ମାନ ମୋତେ ଆଶ୍ଚର୍ଯ୍ୟ ଚକିତ କରିଦେଲା" ।

ଆଉଜଣେ ମହିଳା ଅତିଥି ଡକ୍ଟର୍ କିମ୍ବର୍‌ଲି ନୋର୍‌ମ୍ୟାନ୍ ଓରୋସ୍କୋ ଯିଏ କ୍ରିମିନୋଲୋଜିଷ୍ଟ୍ ଅଟନ୍ତି ଓ ଜଣେ ଲେଖିକା ମଧ୍ୟ ଅଟନ୍ତି ଓ ସେ ପି.ଏଚ୍.ଡି ମଧ୍ୟ କରିଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:- "ହଜୁର୍ ଅନୁୱ୍‌ର୍‌ଙ୍କ ଆଜିର ଏହି ଅଭିଭାଷଣରେ ଶାନ୍ତି ଓ ନ୍ୟାୟ ସମ୍ବନ୍ଧରେ ବହୁତ ଗମ୍ଭୀର ବାର୍ତା ଶୁଣିବାକୁ ମିଳିଲା ଓ ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଏହି ବାର୍ତା ମୁତାବକ ଏକତାକୁ ପ୍ରତିଷ୍ଠା କରିବାକୁ ହେବ । ଆଜିର ଏହି ଭାଷଣରେ ହଜୁର୍ ଅନୁୱ୍‌ର୍ ଇସ୍‌ଲାମ୍‌ର ପ୍ରକୃତ ରୂପକୁ ସାମନାକୁ ଆରି ରଖିଦେଲେ ଓ ଏହାର ସାରାଂଶ ହେଉଛି ଶାନ୍ତି, ନ୍ୟାୟ ଏବଂ ସମାନତାର ପରିବେଶକୁ ସୃଷ୍ଟି କରିବା" । ସେହି ମହିଳାଜଣକ ନିଜର ମନୋଭାବକୁ ବ୍ୟକ୍ତ କରିବା ବେଳେ ଭାବବିହ୍ୱଳ ହୋଇଯାଇଥିଲେ ଓ ତାଙ୍କର ଆଖି ଅଶ୍ରୁରେ ଭରିଯାଇଥିଲା ଓ ସେ ଏକଥା କହୁଥିଲେ ଯେ "ଆଜିକାଲି ଯେଉଁ ଲୋକମାନେ ଅତ୍ୟାଚାର ଓ ବର୍ବରକାଣ୍ଡ ଘଟାଉଛନ୍ତି ଓ ଧର୍ମ ନାମରେ ଆମ କମ୍ୟୁନିଟି ଓ ଦେଶରେ ବିଭ୍ରାଟ ସୃଷ୍ଟି କରୁଛନ୍ତି ତା ସହିତ ଧର୍ମର କୌଣସି ସର୍ମ୍ପକ ନାହିଁ । ଏକଥା ଜାଣିବା ପ୍ରତ୍ୟେକ ମନୁଷ୍ୟ ପାଇଁ ଜରୁରୀ ଅଟେ" ।

ଆଉଜଣେ ଅତିଥି ମାର୍ଟିନ୍ ନୋହେ ସାହେବ୍ କହୁଛନ୍ତି ଯେ "ମୋର ନିଯୁକ୍ତି କାଉଂଟିର ଏହି ଭାଗରେ କରାଯାଇଛି, ଯେଉଁଠି ଏହି ମସ୍‌ଜିଦ୍‌ଟି ନିର୍ମାଣ ହୋଇଛି । ଆଜି ହଜୁର୍ ଅନୁୱ୍‌ର୍ ଆମେରିକାରେ ଦରକାର ହେଉଥିବା ଆବଶ୍ୟକୀୟ କଥାଗୁଡିକୁ ଅର୍ଥାତ୍ ପ୍ରେମ, ସ୍ନେହ, ଭଲପାଇବା ଏବଂ ଭାଇଚାରାର ବାର୍ତା ଦେଇଛନ୍ତି । ତାହା ସବୁ ଆମ ସମସ୍ତଙ୍କ ଉପରେ ଗଭୀର ପ୍ରଭାବ ପକାଇଛି । ଏହି ମସ୍‌ଜିଦ୍ ନିର୍ମାଣ ହେବା ସହିତ ଏକ ନୂଆ ଉପାସନା ପୀଠର ବୃଦ୍ଧି ଘଟିଛି, ଯେଉଁଠାରେ ଆମେ ସମସ୍ତେ ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ପାଇବା ପାଇଁ ସବୁ ସମୟରେ ଆସିପାରିବା" ।

ଆଉଜଣେ ଅତିଥି ଟୋନି ମ୍ୟାକ୍‌ସି ସାହିବା ଯିଏ ଡେଭ୍‌ଲପ୍‌ମେଂଟ୍ ଡିରେକ୍ଟର୍ ଅଛନ୍ତି ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ:- ମୋତେ ଆଜି ଏକତା ଜଣାପଡିଲା ଯେ ଏ ଜମାତ୍ ଅନେକ ଡାକ୍ତରଖାନା, ଅନେକ ସ୍କୁଲ୍ ଏବଂ ହ୍ୟୁମାନିଟି ଫାଷ୍ଟ୍ ଅନ୍ତର୍ଗତ ଏତେ ବ୍ୟାପକ ରୂପେ ବିନା କୌଣସି ସ୍ୱାର୍ଥରେ କାର୍ଯ୍ୟ କରୁଅଛି" ।

ଡାକ୍ତର କ୍ୟାଟ୍ରିନା ହେଲେଂଟୋସ୍ ସୁଇଟ୍ ଯିଏ ଟମ୍ ଲେଂଟୁସ୍ ଫାଉଣ୍ଡେସନ୍ ଫର୍ ହ୍ୟୁମାନ୍ ରାଇଟ୍‌ସ୍ ଆଣ୍ଡ୍ ଜଷ୍ଟିସ୍‌ର ଅଧ୍ୟକ୍ଷ ଅଛନ୍ତି ତାଙ୍କର ହଜୁର୍ ଅନୁୱ୍‌ର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର ହେଲା । ଏହା ପୂର୍ବରୁ କ୍ୟାପିଟାଲ୍ ହିଲ୍ ଓ ଲଣ୍ଡନ୍‌ଠାରେ ଅନୁଷ୍ଠିତ ହୋଇଥିବା କନ୍‌ଫରେନ୍ ଅଫ୍ ୱାର୍ଲଡ୍ ରିଲିଜିଅନ୍‌ସ୍‌ରେ ସେ ସାମିଲ୍ ହୋଇସାରିଛନ୍ତି । ସେ ବିଶେଷ ରୂପେ ନିଜର ସିଡୁଲ୍‌ରେ ପରିବର୍ତନ କରି ହଜୁର୍ ଅନୁୱ୍‌ର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇବା ପାଇଁ ନ୍ୟୁ ହାମ୍‌ସ୍ ହେୟର୍‌ରୁ ଆସିଛନ୍ତି । ସେ ନିଜର ଅନୁଭୁତିକୁ ପରିପ୍ରକାଶ କରି କହିଲେ:- ଖଲିଫତୁଲ୍ ମସିହ୍ ଆମେରିକା ପାଇଁ ଏକ ଆଧାତ୍ମିକ ମରହମ୍ (ଉପଚାର) ଅଟନ୍ତି । ଆମେରିକାକୁ ବର୍ତମାନ ତାଙ୍କର ମାର୍ଗ ଦର୍ଶନ ଓ ନେତୃତ୍ୱର ଭୀଷଣ ଆବଶ୍ୟକତା ରହିଛି । ଅହେମଦୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ବନ୍ଧରେ ଖଲିଫତୁଲ୍ ମସିହ୍ ନିଶ୍ଚିତ ରୂପେ ସାହସ ଓ ଧୈର୍ଯ୍ୟର ଉଚ୍ଚତମ ଉଦାହରଣ ଅଟନ୍ତି ।

ସେ ପୁଣି ହଜୁର୍ ଅନୁୱ୍‌ର୍ ଅ:ବ:ଅଙ୍କୁ ଏହି ମସ୍‌ଜିଦ୍ ର ଉଦ୍‌ଘାଟନ ପାଇଁ ଶୁଭେଚ୍ଛା ଜଣାଇଲେ ଓ ବତାଇଲେ ଯେ ଖଲିଫତୁଲ୍ ମସିହ୍ ୟୁ.ଏସ୍ ଆମ୍ବାସେଡର୍ ଓ ଅନ୍ୟାନ୍ୟ କଂଗ୍ରେସ୍ ସଦସ୍ୟମାନଙ୍କ ସହିତ ଯେଉଁଭଳି ଧର୍ମୀୟ ସ୍ୱାଧୀନତା ସମ୍ବନ୍ଧରେ କଥା ହେଲେ ତାହାଦ୍ୱାରା ତାଙ୍କୁ ବହୁତ ଖୁସି ଅନୁଭବ ହେଲା ।

ଆମେରିକାରେ ମୃତୟନ ଥିବା ଗାମ୍ବିୟାର ଆମ୍ବାସେଡର୍ ଡାଓଡା ଏନ୍ ଫର୍‌ଡେରା ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:- ଜମାତ୍ ଅହେମଦୀୟା ଉମ୍ମତେ ମୁହମ୍ମଦିୟାର ବହୁତ ଗୁରୁତ୍ୱପୁର୍ଣ୍ଣ ଅଂଶବିଶେଷ । ପୃଥିବୀରେ ଉପସ୍ଥିତ ଥିବା ପୂଣ୍ୟ କାର୍ଯ୍ୟର ଏକ ଗୁରୁତ୍ୱପୁର୍ଣ୍ଣ ସ୍ତମ୍ଭ । ଗାମ୍ବିୟାରେ ଜମାତ୍ ଅହେମଦୀୟା ସାଧାରଣ ଲୋକମାନଙ୍କ ପାଇଁ ବହୁତ କିଛି କରୁଅଛି । ଆମେ କୃଷି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜମାତ୍ ଅହେମଦୀୟା ସହିତ ମିଳିମିଶି କାର୍ଯ୍ୟ କରୁଅଛୁ । ଗାମ୍ବିୟାରେ ଗଣତନ୍ତ୍ର ନୂଆ ନୂଆ ଆସିଛି ଓ ସେଠାରେ ପ୍ରତ୍ୟେକଙ୍କୁ ଧର୍ମୀୟ ସ୍ୱାଧୀନାତା ମିଳିଛି । ଆମେ ଜମାତ୍ ଅହେମଦୀୟା ସହିତ ମିଶି ସେଠାରେ ମାନବ ସମାଜର ସେବା କରୁଅଛୁ । ଜମାତ ଅହେମଦୀୟାର କାର୍ଯ୍ୟଶୈଳୀ ବହୁତ ସକରାତ୍ମକ । ସେ ଲୋକମାନଙ୍କ ବିଶ୍ୱାସକୁ ମଧ୍ୟ ମଜ୍‌ବୁତ୍ କରୁଛନ୍ତି । ତତ୍ ସହିତ ଅଲ୍ଲାଃତାଲାଙ୍କ ବାର୍ତାକୁ ମଧ୍ୟ ପ୍ରଚାର ପ୍ରସାର କରୁଛନ୍ତି । କିନ୍ତୁ ତାହା ସହିତ ସେମାନେ ଲୋକମାନଙ୍କ ଜୀବନକୁ ମଧ୍ୟ ବଂଚାଇବା ପାଇଁ ଅହରହ କାର୍ଯ୍ୟ କରୁଛନ୍ତି ।

ସେ ମହାଶୟ ହଜୁର୍ ଅନୁୱ୍‌ର୍ ଅ:ବ:ଅଙ୍କ ଅଭିଭାଷଣ ସମ୍ବନ୍ଧରେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ:- ହଜୁର୍ ଅନୁୱ୍‌ର୍ ଅ:ବ:ଅ ନିଜ ଭାଷଣରେ ଯେଉଁ ବାର୍ତା ଦେଲେ ତାହା ଅତ୍ୟନ୍ତ ସରଳ, ସ୍ୱଷ୍ଟ ଓ ସିଧା ବାର୍ତା ଥିଲା । ଏହା ମୁସଲ୍‌ମାନ୍ ସମ୍ପ୍ରଦାୟପାଇଁ ଅତ୍ୟନ୍ତ ଆବଶ୍ୟକ । କାରଣ ଇସ୍‌ଲାମ୍‌ର ଗଣନା ପୃଥିବୀର ବଡ ବଡ ଧର୍ମ ମଧ୍ୟରେ ହୋଇଥାଏ । କିନ୍ତୁ ତାହା ସମ୍ବନ୍ଧରେ ମଧ୍ୟ ବହୁତ ଭୁଲ୍ ବୁଝାମଣା ମିଳିଥାଏ । ଚରମପନ୍ଥୀ ଏବଂ ସନ୍ତ୍ରାସବାଦ କାର୍ଯ୍ୟକଳାପ ଗୁଡିକ ଇସ୍ଲାମ୍ ଭିତରେ କୌଣସି ସ୍ଥାନ ନାହିଁ । ହଜୁର୍ ଅନୁୱ୍‌ର୍ ବହୁତ ସ୍ୱଷ୍ଟ ରୂପେ ଏକଥା ବର୍ଣ୍ଣନା କଲେ ଯେ ଇସ୍‌ଲାମ୍ ତ ହେଉଛି ଏକ ଶାନ୍ତିପୁର୍ଣ୍ଣ ଧର୍ମ, ତେଣୁ ଆମେ ସମସ୍ତେ ମିଳିମିଶି ମାନବ ଜାତିର ହିତ ସାଧନ ନିମନ୍ତେ କାର୍ଯ୍ୟ କରିବା ଉଚିତ୍ । କ୍ରମଶଃ..... (ବହୱ୍‌ାଲା ଅଖ୍‌ବାର୍ ବଦର୍, ଉର୍ଦ୍ଦୁ, ୨ ମଇ ୨୦୧୯)

⌘⌘⌘⌘⌘⌘⌘⌘⌘⌘

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସର୍ମ୍ପକ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

**ଅସହାବେ ସୁଫାଃ...... ଆଁ ହଜରତ ସ:ଆ:ସଙ୍କ ଏପରି ଭକ୍ତ ଅଟନ୍ତି ଯେ ସେମାନେ ଆପଣ ସ:ଆ:ସଙ୍କ ଦ୍ୱାରକୁ ଛାଡ଼ିବାକୁ ଚାହୁଁନାହାନ୍ତି ।**

**''ଖୁଦାଙ୍କ ରାଣ ! ଏକ ବା ଦୁଇମାସ ହେବ ଅଲ୍ଲାଃଙ୍କ ରସୁଲଙ୍କ ଘରୁ ଧୂଆଁ ବାହାରିନାହିଁ ।**

**ରସୁଲୁଲ୍ଲାଃ ସ:ଆ:ସ ନିଜର ପବିତ୍ର ଅସ୍ତିତ୍ୱକୁ ଆମ ମଧ୍ୟରେ ଗଣନା କରିବା ପାଇଁ ଆମ ଗହଣରେ ହିଁ ବସି ଗଲେ ।**

**ଆପଣ ସ:ଆ:ସ ନିଜ ପବିତ୍ର ହସ୍ତ ଦ୍ୱାରା ଗୋଲାକାର ଟାଣି ଇସାରା କଲେ ଅର୍ଥାତ ମୁଁ ମଧ୍ୟ ତୁମମାନଙ୍କ ମଧ୍ୟରୁ ଜଣେ ଓ ପୁଣି ମଝିରେ ବସିଗଲେ''**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ଆଁ ହଜରତ ସ:ଆ:ସଙ୍କ ବଦ୍ରୀ ସାହାବା ଗଣ ହଜରତ ଉତ୍‌ବାଃ ବିନ୍ ମସଉଦ୍ ହୁଜ୍‌ଲ୍ଲୀ ଏବଂ ହଜରତ ଉବାଦାଃ ବିନ୍ ସାମିତ୍ ରଜିଅଲ୍ଲାଃହୁ ଅନ୍‌ହୁମାଙ୍କ ପବିତ୍ର ଜୀବନ ଚରିତର ହୃଦୟସ୍ପର୍ଶୀ ବର୍ଣ୍ଣନା ।**

**ହଜରତ ଉତ୍‌ବାଃ ବିନ୍ ମସଉଦ ର:ଅଙ୍କ ଜିବନ ଚରିତର ଆଲୋକରେ ଅସହାବେ ସୁଫାଃଙ୍କ ବଳିଦାନ ଓ ସେମାନଙ୍କ ପଦମର୍ଯ୍ୟାଦା ସମ୍ବନ୍ଧରେ ବର୍ଣ୍ଣନା, ହଜରତ ଉବାଦାଃ ବିନ୍ ସାମିତ ର:ଅଙ୍କ ହଓ୍ୱାଲା ଦେଇ ଇସଲାମୀୟ ବିଜୟ ଯାତ୍ରାର ସଂକ୍ଷିପ୍ତ ବର୍ଣ୍ଣନା ।**

**ଖିଲାଫତର ସ୍ୱାଭିମାନ ରଖୁଥିବା, ଧର୍ମକୁ ଅଗ୍ରାଧୀକାର ଦେଉଥିବା, ଅଲ୍ଲାଃଙ୍କ ଉପରେ ଭରଷା ରଖୁଥିବା, ବିନମ୍ର, କବି, ସାହିତ୍ୟିକ, ଉତମ ବ୍ୟବସ୍ଥାପକ ଏବଂ ଜଣେ ନିର୍ଭୟ ଅହେମଦୀ ମୁହତରମ୍ ତାହେର୍ ଆରିଫ୍ ସାହବଙ୍କ ଦେହାନ୍ତରେ, ତାଙ୍କ ଉତମ ଗୁଣ ବିଶେଷର ଚର୍ଚ୍ଚା ଓ ନମାଜ ଯୁମା ପରେ ନମାଜ ଯନାଜାଃ ହାଜିର (ଉପସ୍ଥିତ) ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ**
**(ପ୍ରଦତ୍‌ତ: ୩୦ ଅଗଷ୍ଟ ୨୦୧୯ ଅନୁଯାୟୀ ୩୦ ଜହୁର୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ବଦରି ସାହାବାମାନଙ୍କ ଗୁଣଗାନ କରିବା ସମ୍ବନ୍ଦରେ ମୁଁ ଆଜି ଯେଉଁ ସାହାବିଙ୍କ ସମ୍ବନ୍ଧରେ ପ୍ରଥମେ ଚର୍ଚ୍ଚା କରିବି ତାଙ୍କ ନାମ ହେଉଛି ହଜରତ ଉତ୍‌ବାଃ ବିନ୍ ମସ୍‌ଭଦ୍ ହୁଜଲ୍ଲି ର:ଅ । ହଜରତ ଉତ୍‌ବାଃ ବିନ୍ ମସ୍‌ଉଦ୍ ହୁଜଲ୍ଲି ର:ଅଙ୍କ କୁନିୟତ ଅବୁ ଅବ୍‌ଦୁଲ୍ଲାଃ ର:ଅ । ସେ ବନୁ ହୁଜୈଲ୍ କବିଲାର ଥିଲେ ।

*(ଉସ୍‌ଦୁଲ୍ ଗାବାଃ.........ଖଣ୍ଡ-୩, ପୃ-୫୬୩ "ଉତ୍‌ବା ବିନ୍ ମସ୍‌ଉଦ୍" ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୮)*

ହଜରତ ଉତ୍‌ବାଃ ବିନ୍ ମସଉଦ୍ ର:ଅ ବନୁ ଜୁହେରାଃ କବିଲାର ମିତ୍ର ଥିଲେ । ତାଙ୍କ ବାପାଙ୍କ ନାମ ମସ୍‌ଉଦ୍ ବିନ୍ ଗାଫିଲ୍ ଥିଲା ଏବଂ ମାଆଙ୍କ ନାମ ଉମ୍ମେ ଅବ୍‌ଦ୍ ବିନ୍‌ତ ଅବ୍‌ଦେ ଉଦ୍ୱା ଥିଲା । ହଜରତ ଅବଦୁଲ୍ଲାଃ ବିନ୍ ମସଉଦ୍ ର:ଅ ତାଙ୍କର ନିଜ ଭାଇ ଥିଲେ । ମକ୍କାରେ ପ୍ରାରମ୍ଭିକ ଇସଲାମ ଗ୍ରହଣକାରୀଙ୍କ ମଧ୍ୟରୁ ସେ ଥିଲେ । ହବ୍‌ଶା ଦେଶକୁ ଦ୍ୱିତୀୟଥର ହିଜ୍‌ରତ୍ କରିଥିବା ଲୋକମାନଙ୍କ ମଧ୍ୟରେ ସେ ସାମିଲ ଥିଲେ ।

*(ତବକାତୁଲ୍ କୁବ୍‌ରା, ଖଣ୍ଡ-୪, ପୃ-୩୮୧.......ବେରୁତ ଲେବ୍‌ନାନ୍ ୧୯୯୬)*

ହଜରତ ଉତ୍‌ବାଃ ବିନ୍ ମସ୍‌ଉଦ୍ ର:ଅ ଅସ୍‌ହାବେ ସୁଫ୍‌ଫଂା (ଅର୍ଥାତ ଯେଉଁ ସାହାବାମାନେ ଆଁ ହଜରତ ସ:ଆ:ସଙ୍କ ସାନ୍ନିଧ ପାଇବା ପାଇଁ ଆପଣ ସ:ଆ:ସଙ୍କ କଥା ଶୁଣିବା ପାଇଁ ସୁଫ୍‌ଫା ନାମକ ସ୍ଥାନରେ ଦିନ ତମାମ୍ ବସି ରହୁଥିଲେ)ଙ୍କ ମଧ୍ୟରେ ଥିଲେ ।

*(ଅଲ୍‌ମୁସ୍‌ତଦ୍‌ରକ ଅଲସ୍ ସହିହିନ୍ ଲିଲ୍‌ହାକିମ୍ ଖଣ୍ଡ-୫, ପୃ-୧୬୧୫ କିତାବୁଲ୍ ହିଜରତ୍, ହଦିସ ନଂ ୪୨୯୪...... ରିୟାଜ୍ ୨୦୦୦)*

ସୁଫାଃ ସମ୍ବନ୍ଧରେ ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ବିଭିନ୍ନ ଇତିହାସରୁ ବିବରଣୀ ସଂଗ୍ରହ କରି ଲେଖିଛନ୍ତି । ସେ ଲେଖୁଛନ୍ତି କି ମସଜିଦର ଏକ କୋଣରେ ଗୋଟିଏ ଛପର ହୋଇଥିବା ପେଣ୍ଡାଲ୍ ତିଆରି ହୋଇଥିଲା । ଯାହାକୁ ସୁଫାଃ କୁହାଯାଏ । ଏହି ସ୍ଥାନଟି ସେହି ଗରୀବ ମୁହାଜିରମାନଙ୍କ ପାଇଁ ଥିଲା ଯାହାଙ୍କର ଘର ଦ୍ୱାର ନଥିଲା । ସେମାନେ ଏଠାରେ ରହୁଥିଲେ ଏବଂ ତାଙ୍କୁ "ଅସ୍‌ହାବେ ସୁଫା" କୁହାଯାଉଥିଲା । ତାଙ୍କର କାମ ଥିଲା ଦିନରାତି ଆଁ ହଜରତ ସ:ଆ:ସଙ୍କ ସଙ୍ଗତରେ ସମୟ ବିତାଇବା, ଉପାସନା କରିବା ଏବଂ ପବିତ୍ର କୋରାନ୍ ପାଠ କରିବା । ସେମାନଙ୍କର କୌଣସି ସ୍ଥାୟି ରୋଜଗାର ନଥିଲା । ଆଁ ହଜରତ ସ:ଆ:ସ ନିଜେ ସେମାନଙ୍କର କଥା ବୁଝୁଥିଲେ । ଯେବେ କେବେ ଆଁ ହଜରତ ସ:ଆ:ସଙ୍କ ନିକଟକୁ କୌଣସି ଉପହାର ଆସୁଥିଲା ଅଥବା ଘରେ କିଛି ଖାଦ୍ୟ ପଦାର୍ଥ ତିଆରି ହେଉଥିଲା । ତାହା ସେ ଅସ୍‌ହାବ ସୁଫାଃଙ୍କ ନିକଟକୁ ପଠାଇ ଦେଉଥିଲେ । ବେଳେବେଳେ ଆଁ ହଜରତ ସ:ଆ:ସ ନିଜେ ଭୋକିଲା ରହି, ଯାହା କିଛି ଘରେ ଥିଲା, ତାହା ସବୁ ସେମାନଙ୍କ ନିକଟକୁ ପଠାଇଦେଉଥିଲେ । ଅନ୍‌ସାରମାନେ ମଧ୍ୟ ଯଥା ସମ୍ଭବ ସେମାନଙ୍କର ଆତିଥ୍ୟତା କରୁଥିଲେ । ସେମାନଙ୍କ ପାଇଁ ଖଜୁରୀକୋଳିର ପେନ୍ଥା ଆଣି ମସଜିଦରେ ଟାଙ୍ଗି ଦେଉଥିଲେ । ଏହା ସବୁ ହେବା ସତ୍ତ୍ୱେ ମଧ୍ୟ ସେମାନଙ୍କର ଅବସ୍ଥା ସ୍ୱଚ୍ଛଳ ହେଉନଥିଲା, ବେଳେବେଳେ ଭୋକିଲା ରହୁଥିଲେ । ଏହିପରି ଅବସ୍ଥା ଅନେକ ବର୍ଷ ପର୍ଯ୍ୟନ୍ତ ସେମାନଙ୍କର ଥିଲା । ମଦିନାର ଜନବସତି ବଢ଼ିବା ଯୋଗୁଁ ସେମାନଙ୍କ ପାଇଁ କିଛି କାମ ଧନ୍ଦା ମିଳିଲା ଓ କିଛି ନା କିଛି ମଜୁରୀ କାମ ମିଳି ଯାଉଥିଲା । ସେହିପରି ଜାତିୟ ବଇତୁଲ୍ ମାଲ (ଅର୍ଥାତ ଜାତୀୟ ପାଣ୍ଠି)ରୁ ସେମାନଙ୍କୁ କିଛି ସାହାଯ୍ୟ ଆକାରରେ ଦିଆଯାଉଥିଲା ।

*(ଉଦ୍ଧୃତ: ପୁସ୍ତକ ସିରତ୍ ଖାତମୁନ୍ ନବିୟିନ୍ ସ:ଆ:ସ ଲେଖକ ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ଏମ.ଏ ପୃ-୨୭୦)*

ସେ ଯାହାହେଉ ସେମାନଙ୍କ ସମ୍ବନ୍ଧରେ ଅନ୍ୟ ସ୍ଥାନରେ ଅଧିକା ବିବରଣୀ ଏପରି ମିଳୁଛି ଯେ ଏହି ଲୋକମାନେ ଅର୍ଥାତ୍ ଅସ୍‌ହାବେ ସୁଫାଃ ଦିନସାରା ନବି ସ:ଆ:ସଙ୍କ ଦରବାରରେ ଉପସ୍ଥିତ ରହୁଥିଲେ ଓ ହଦିସ୍ ଶୁଣୁଥିଲେ । ରାତିରେ ଗୋଟିଏ ଚଉତରା ଉପରେ ପଡ଼ି ରହୁଥିଲେ । ଆରବୀ ଭାଷାରେ ଚଉତରାକୁ ସୁଫାଃ କୁହାଯାଏ । ଏହି କାରଣଯୋଗୁଁ ସେମାନଙ୍କୁ ଅସ୍‌ହାବେ ସୁଫାଃ କୁହାଯାଏ । ସେମାନଙ୍କ ମଧ୍ୟରୁ ଜଣେ ମଧ୍ୟ ଗୋଟିଏ ଚାଦର ଓ ଗୋଟିଏ ଲୁଙ୍ଗି ଏକାଠି ରଖିନଥିଲେ । (ଅର୍ଥାତ୍ ଗୋଟିଏ ବସ୍ତ୍ର ଥିଲା) । ଚାଦରକୁ ବେକରେ ଏପରି ବାନ୍ଧି ଦେଉଥିଲେ ତାହା ଜଙ୍ଘ ତଳକୁ ଲଟକି ଯାଉଥିଲା । ବସ୍ତ୍ର ପୁରା ଶରୀରକୁ ଢ଼ାଙ୍କିପାରୁ ନଥିଲା । ହଜରତ ଅବୁ ହୁରୈରାଃ ର:ଅ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ବର୍ଣ୍ଣନା କରୁଛନ୍ତି ଯେ ମୁଁ ସୁଫାଃବାସୀଙ୍କ ମଧ୍ୟରୁ ସତୁରୀ ଜଣ ଲୋକଙ୍କୁ ଦେଖିଛି ଯେ ସେମାନଙ୍କ ବସ୍ତ୍ର ସେମାନଙ୍କ ଜଙ୍ଘ ପର୍ଯ୍ୟନ୍ତ ପହଂଚୁନଥିଲା । ଶରୀରରେ କପଡ଼ା ଗୁଡ଼ାଇ ଦେଉଥିଲେ ତାହା ଆଂଠୁ ପର୍ଯ୍ୟନ୍ତ ବହୁତ କଷ୍ଟରେ ପହଂଚୁଥିଲା । ପୁଣି ସେ କହୁଛନ୍ତି ଜିବୀକା ଏହା ଥିଲା ଯେ ସେମାନଙ୍କର ଏକ ଦଳ ଦିନବେଳା ଜଙ୍ଗଲରୁ କାଠ ଗୋଟାଇ ଆଣୁଥିଲେ ଏବଂ ତାହା ବିକ୍ରି କରି ନିଜ ଭାଇମାନଙ୍କ ପାଇଁ କିଛଇ ଖାଦ୍ୟ ପଦାର୍ଥ ଯୋଗାଡ଼ କରୁଥିଲେ । ଅଧିକାଂଶ ସମୟ ଅନ୍‌ସାରମାନେ ଖଜୁରୀ କୋଳିର ଡ଼ାଳ ଭାଙ୍ଗି ଆଣନ୍ତି ଓ ମସଜିଦ୍‌ର ଛାତରେ ଏହଳାଇ ଦିଅନ୍ତି । ବାହାର ଲୋକେ ସେମାନଙ୍କୁ ଦେଖି ପାଗଳ ଭାବୁଥିଲେ ଓ ମୂର୍ଖ ବୋଲି ଭାବୁଥିଲେ । ବିନା କାରଣରେ ଏଠାରେ ବସି ରହିଛନ୍ତି ବୋଲି ଭାବୁଥିଲେ । ଅଥବା ଏକଥା ଭାବୁଥିବେ ଯେ ଏମାନେ ଆଁ ହଜରତ ସ:ଆ:ସଙ୍କର ଏପରି ପ୍ରେମୀ ଯେ ଏମାନେ ଆଁ ହଜରତ ସ:ଆ:ସଙ୍କ ଦୁଆରକୁ ଚାଡୁ ନାହାନ୍ତି ଓ

ଛାଡ଼ିବାକୁ ଚାହୁଁ ନାହାନ୍ତି । ସେ ଯାହା ହେଉ ଆଁ ହଜରତ ସ:ଆ:ସଙ୍କ ନିକଟକୁ ଯଦି କେଉଁଠାରୁ ସଦ୍‌କା (ଦାନ)ଆସୁଥିଲା, ତାହା ଆପଣ ସ:ଆ:ସ ସେମାନଙ୍କ ନିକଟକୁ ପଠାଇ ଦେଉଥିଲେ । ଯେବେ ଦାଓ୍ୱତ୍ ଖାଦ୍ୟ (ଅର୍ଥାତ୍ ନିମନ୍ତ୍ରଣ ଖାଦ୍ୟ) ଆସେ, ସେମାନଙ୍କୁ ଡ଼ାକି ଆଣନ୍ତି ଓ ସେମାନଙ୍କ ସହିତ ଏକାଠି ବସି ଖାଆନ୍ତି । ଅଧିକାଂଶ ସମୟ ରାତି ସମୟରେ ଆଁ ହଜରତ ସ:ଆ:ସ ସେମାନଙ୍କୁ ମୁହାଜିର ଓ ଅନ୍‌ସାରମାନଙ୍କ ମଧ୍ୟରେ ବାଂଟି ଦେଉଥିଲେ ଅର୍ଥାତ୍ ନିଜ ନିଜର ସାମର୍ଥ୍ୟ ମୁତାବକ ସେମାନେ ଅସ୍‌ହାବେ ସୁଫାଃଙ୍କ ମଧ୍ୟରୁ ଜଣେ ବା ଦୁଇଜଣ ଲେଖାଏ ଲୋକଙ୍କୁ ନିଜ ସହିତ ନେଇ ଯାଉଥିଲେ ଓ ରାତିରେ ସେମାନଙ୍କୁ ଖାଇବାକୁ ଦେଉଥିଲେ । ବେଳେବେଳେ ଏପରି ମୌକା ମଧ୍ୟ ଆସିଛି ଯେ କାହାକୁ ମୁହାଜିରଙ୍କ ସହିତ ଓ ଆଉ କାହାକୁ ଅନ୍‌ସାରଙ୍କ ସହିତ ଦେଇ ପଠାଉଥିଲେ ଯେ ସେମାନେ ରାତିଖାଦ୍ୟ ତାଙ୍କୁ ଖୁଆଇବେ । ହଜରତ ସାଆଦ୍ ବିନ୍ ଅବାବାଃ ର:ଅ ଜଣେ ସାହାବି ଥିଲେ, ଯିଏ ଜଣେ ଅତ୍ୟନ୍ତ ଧନୀ ଓ ଦାନୀ ବ୍ୟକ୍ତି ଥିଲେ । ସେ ବେଳେବେଳେ ଅଶି ଅଶି ଜଣ ଲୋକଙ୍କୁ ନିଜ ସହିତ ସାଙ୍ଗରେ ନେଇ ଯାଉଥିଲେ । ରାତି ସମୟରେ ସେ ସମସ୍ତଙ୍କୁ ଖାଇବାକୁ ଦେଉଥିଲେ । ସେ ସମ୍ପନ୍ନ ବ୍ୟକ୍ତି ଥିଲେ । ବିଭିନ୍ନ ରିଓ୍ୱାୟତ ମୁତାବକ ବା କିଛି ରିଓ୍ୱାୟତ ମୁତାବକ ସୁଫାଃବାସୀଙ୍କ ସଂଖ୍ୟା ବିଭିନ୍ନ ସମୟରେ ଅଲଗା ଅଲଗା ଥିଲା । ଅତି କମ୍‌ରେ ବାର ଜଣ । ଏପରି ମଧ୍ୟ କୁହାଯାଇଛି ଯେ ଅଧିକରୁ ଅଧିକ ତିନିଶହ ଲୋକ ଗୋଟିଏ ସମୟରେ ସୁଫାଃଠାରେ ରହୁଥିଲେ । ବରଂ ଗୋଟିଏ ରିଓ୍ୱାୟତ ମୁତାବକ ସେମାନଙ୍କର ମୋଟ ସଂଖ୍ୟା ଛଅ ଶହ ବୋଲି ବର୍ଣ୍ଣିତ ଅଛି । ଆଁ ହଜରତ ସ:ଆ:ସଙ୍କୁ ସେମାନଙ୍କ ସହିତ ବହୁତ ପ୍ରେମ ଥିଲା । ସେମାନଙ୍କ ସହିତ ମସଜିଦରେ ବସୁଥିଲେ, ସେମାନଙ୍କ ସହିତ ଖାଉଥିଲେ । ଲୋକମାନଙ୍କୁ ସେମାନଙ୍କ ସହିତ ସମ୍ମାନ କରିବା ପାଇଁ ପ୍ରବତାଉ ଥିଲେ । ଅର୍ଥାତ୍ ଏମିତି ନୁହଁ କି ଏମାନେ ଖାଲି ବସି ରହିଛନ୍ତି ତେଣୁ ତାଙ୍କର ସମ୍ମାନ କ କରାଯାଉ ବରଂ ଆଁ ହଜରତ ସ:ଆ:ସ କହୁଥିଲେ ଯେ ଏହି ଲୋକମାନେ ମୋ ଖାତିର ଓ ମୋ କଥା ଶୁଣିବା ପାଇଁ ଏଠାରେ ବସି ରହୁଛନ୍ତି ତେଣୁ ପ୍ରତ୍ୟେକ ଲୋକ ସେମାନଙ୍କୁ ସମ୍ମାନ କରିବା ଉଚିତ । ମାନସମ୍ମାନ ଦେବା ଉଚିତ । ଏକଦା ସୁଫାଃବାସୀ ମାନଙ୍କର ଗୋଟିଏ ଦଳ ନବି କରିମ୍ ସ:ଆ:ସଙ୍କ ଗୋଚରରେ ଅଭିଯୋଗ କଲେ ଯେ ଖଜୁରୀ ଆମ ପେଟକୁ ଜାଳି ଦେଲାଣି । କେବଳ ଖଜୁରୀ କୋଳି ଖାଇବାକୁ ମିଳୁଛି, ଆଉ କିଛି ମିଳୁନାହିଁ । ରସୁଲୁଲ୍ଲାଃ ସ:ଆ:ସ ସେମାନଙ୍କ ଅଭିଯୋଗ ଶୁଣିଲେ ଓ ସେମାନଙ୍କୁ ସାନ୍ତ୍ୱନା ଦେବାପାଇଁ ଏକ ତକ୍‌ରିର୍ କଲେ । ସେଥିରେ କହିଲେ; ତୁମେମାନେ ଏକଥା କଣ କହୁଛ ଯେ ଖଜୁରୀ ତୁମ ପେଟକୁ ଜାଳି ଦେଲାଣି ବୋଲି । କଣ ତୁମେମାନେ ଜାଣିନାହଁ ଯେ ଖଜୁରୀକୋଳି ହେଉଛି ମଦିନା ବାସୀଙ୍କ ଖାଦ୍ୟ ।  ଲୋକମାନେ ଏହା ସାହାଯ୍ୟରେ ଆମକୁ ମଧ୍ୟ ସାହାଯ୍ୟ କରୁଛନ୍ତି ଏବଂ ଆମେ ମଧ୍ୟ ତାହା ଜରିଆରେ (ଅର୍ଥାତ୍ ଖଜୁରୀ ଜରିଆରେ) ତୁମକୁ ସାହାଯ୍ୟ କରୁଛୁ । ପୁଣି ଆପଣ ସ:ଆ:ସ କହିଲେ ଯେ ଖୁଦାଙ୍କ ରାଣ ! ମାସେ ଦୁଇମାସ ହେବ ଅଲ୍ଲାଃଙ୍କ ରସୁଲଙ୍କ ଘରୁ ଧୂଆଁ ବାହାରି ନାହିଁ ଅର୍ଥାତ୍ ମୁଁ ଓ ମୋ ଘରଲୋକମାନେ ମଧ୍ୟ କେବଳ ପାଣି ଓ ଖଜୁରୀ ଦ୍ୱାରା ସମୟ ବିତାଇଛୁ । ସେ ଯାହା ହେଉ ଏହି ଅସ୍‌ହାବେ ସୁଫାଃ ବହୁତ ଉତ୍ସର୍ଗିକୃତ ଲୋକ ଥିଲେ । ଖଜୁରୀ ଖାଇବାରେ ଅଭିଯୋଗ କଲେ ଯେ ତାହା ପେଟକୁ ଜଳାଇ ଦେଲାଣି ବୋଲି କିନ୍ତୁ ଏହା ସତ୍ୱେ ମଧ୍ୟ ସ୍ଥାନକୁ ଛାଡ଼ିଲେ ନାହିଁ । ସେମାନେ ପୂର୍ଣ୍ଣ୍ୟ ଭକ୍ତିଭାବ ସହିତ ସେଠାରେ ବସି ରହିଥିଲେ । ସେହିପରି ଭୋକିଲା ବା ଖଜୁରୀକୋଳି ଖାଇ ବା ଯାହା କିଛି ମିଳିଯାଉଥିଲା । ସେଥିରେ ଗୁଜୁରାଣ ମେଂଟାଇ ଥିଲେ । ପୁଣି ଲେଖୁଛନ୍ତି ଯେ ସେମାନଙ୍କର ଅଭ୍ୟାସ ଏପରି ଥିଲା କି ରାତି ସମୟରେ ସାଧାରଣତଃ ଉପାସନା କରୁଥିଲେ ଓ ପବିତ୍ର କୋରାନ ପାଠ କରୁଥିଲେ । ସେମାନଙ୍କ ନିମନ୍ତେ ଜଣେ ମୁଅଲ୍ଲିମ୍ (ଅର୍ଥାତ୍ ଶିକ୍ଷକ) ନିଯୋଜିତ ହୋଇଥିଲେ, ଯାହାଙ୍କ ନିକଟରେ ଏମାନେ ରାତି ସମୟରେ ଯାଇ ପଢୁଥିଲେ । ଯାହାକୁ ପଢ଼ିବା ଜଣା ନଥିଲା ବା ପବିତ୍ର କୋରାନ୍ ସଠିକ୍ ପଢ଼ିପାରୁନଥିଲେ ବା ମୁଖସ୍ତ କରିବାକୁ ଚାହୁଁଥିଲେ । ସେମାନଙ୍କୁ ରାତିବେଳା ମୁଅଲ୍ଲିମ୍ ପଢ଼ାଇ ଦେଉଥିଲେ । ଏ ଦୃଷ୍ଟିକୋଣରୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ କାରି ବୋଲାଉଥିଲେ । ଯଦି ଇସ୍‌ଲାମର ପ୍ରଚାର ପ୍ରସାର ପାଇଁ କେଉଁଆଡ଼େ ପଠାଯାଉଥିଲା, ତେବେ ଏହି ଲୋକମାନଙ୍କୁ ପଠାଯାଉଥିଲା । ଯେବେ ଏମାନେ ପଢ଼ାଲିଖା ଶିଖିଗଲେ, ଏମାନଙ୍କୁ କାରି କୁହାଗଲା । ଏହିପରି ଏମାନେ ଅନ୍ୟମାନଙ୍କୁ ପଢ଼ାଇବା ପାଇଁ ଯାଉଥିଲେ । ପରେ ଏହି  ଲୋକମାନଙ୍କ ମଧ୍ୟରୁ ଅନେକ ସାହାବା ବଡ଼ ବଡ଼ ପଦବୀ ଅଳଙ୍କୃତ କରିଥିଲେ । ଅର୍ଥାତ୍ ଅସ୍‌ହାବ୍ ସୁଫାଃମାନେ ପରେ ସେଠାରେ ବସି ରହିନାହାନ୍ତି ବରଂ ବଡ଼ ବଡ଼ ପଦ ପଦବୀରେ ରହିଛନ୍ତି ସୁତରାଂ ହଜରତ ଅବୁ ହୁରୈରାଃ ର:ଅ ହଜରତ ଉମର ର:ଅଙ୍କ ଖିଲାଫତ୍ ସମୟରେ ବହ୍‌ରୈନ୍‌ର ଗଭର୍ନର ହୋଇଥିଲେ । ପୁଣି ହଜରତ ମାଓ୍ୱିୟା ର:ଅଙ୍କ ଯୁଗରେ ମଦିନାର ଗର୍ଭନର ରହିଛନ୍ତି ଓ କୁଫା ସହରର ମୁଳଦୁଆ ସେ ସ୍ଥାପନ କରିଥିଲେ । ହଜରତ ସଲ୍‌ମାନ ଫାର୍ସୀ ର:ଅ ମଦାଇନ୍‌ର ଗର୍ଭନର ହୋଇଛନ୍ତି । ହଜରତ ଅମ୍ମାର ବିନ୍ ୟାସିର ର:ଅ କୁଫାର ଗର୍ଭନର ରହିଥିଲେ । ଏହି ସମସ୍ତ ସାହାବିମାନେ ଅସ୍‌ହାବେ ସୁଫାଃରେ ସାମିଲ୍ ଥିଲେ । ହଜରତ ଉବଦାଃ ବିନ୍ ଯରାହ୍ ର:ଅ ପାଲେଷ୍ଟାଇନ୍‌ର ଗର୍ଭନର ହୋଇଥିଲେ ହଜରତ ଅନସ୍ ବିନ୍ ମାଲିକ୍ ର:ଅ ହଜରତ ଉମର୍ ବିନ୍ ଅବ୍‌ଦୁଲ୍ ଅଜିଜ୍‌ଙ୍କ ସମୟରେ ମଦିନାର ଗର୍ଭନର ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ସେନାଧକ୍ଷ ମଧ୍ୟ ହୋଇଥିଲେ ଯିଏ ଇସ୍‌ଲାମ୍‌ର ବିଜୟ ପାଇଁ ଏକ ସ୍ୱତନ୍ତ୍ର ଭୁମିକା ଗ୍ରହଣ କରିଥିଲେ ହଜରତ ଜୈଦ୍ ବିନ୍ ସାବିତ୍ ର:ଅ ନା କେବଳ ସେନାଧକ୍ଷ ଥିଲେ ବରଂ ହଜରତ ଉମର୍‌ଙ୍କ ସମୟରେ "କାଜିଉଲ୍ କଜାଃ" (ଅର୍ଥାତ କାଜିମାନଙ୍କର ଜଜ୍ ପଦବୀରେ ମଧ୍ୟ ନିଯୋଜିତ ହୋଇଥିଲେ ।

*(ସିରସ୍ ସାହାବାଃ ଖଣ୍ଡ-୫, ପୃ-୫୪୮-୫୫୦, ଦାରୁଲ୍ ଇଶାଅତ୍ କରାଜି ୨୦୦୪)*
*(ୟୁସ୍ତୟୁଏ ମଦିନା ଅବ୍‌ଦୁଲ୍ ହମିଦ୍ କାହରୀ ପୃ-୬୭୨, ୬୮୧)*

ହଜରତ ଅବୁ ସଇଦ୍ ଖୁଦ୍‌ରୀ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ମୁଁ ଗରୀବ ମୁହାଜିର୍‌ଙ୍କ ଯମାତ୍‌ରେ ଯାଇ ବସିଲି ଅର୍ଥାତ୍ ସେହି ଅସ୍‌ହାବେ ସୁଫାଃଙ୍କ ଯମାତ୍‌ରେ, ଯେଉଁମାନେ ଅର୍ଧନଗ୍ନ ରହୁଥିବା ଯୋଗୁଁ ଜଣେ ଅନ୍ୟ ଜଣଙ୍କଠାରୁ ନଗ୍ନତାକୁ ଲୁଚାଉଥିଲେ ବା ସେମାନଙ୍କର ଅଧା ଶରୀର ଫୁଙ୍ଗୁଳା ରହୁଥିଲା । ଏତେ ମାତ୍ରାରେ ଫୁଙ୍ଗୁଳା ରହୁଥିଲା ଯେ ବଡ଼ କଷ୍ଟରେ ସେମାନେ ତାଙ୍କ ଇଜ୍ଜତକୁ ଢ଼ାଙ୍କୁଥିଲେ । ପୁଣି କହୁଛନ୍ତି ଯେ ଆମମାନଙ୍କ ମଧ୍ୟରୁ ଜଣେ କାରି କୁର୍‌ଆନ୍ ପାଠ କରୁଥିଲା ଯେ ଏତିକିବେଳେ ରସୁଲୁଲ୍ଲାଃ ସ:ଆ:ସ ଆସି ପହଂଚିଲେ । ଯେବେ ରସୁଲୁଲ୍ଲାଃ ସ:ଆ: ଛିଡ଼ା ହେଲେ, କାରି ଜଣଙ୍କ ଚୁପ୍ ହୋଇଗଲେ । ପୁଣି ଆଁ ହଜରତ ସ:ଆ:ସ ସଲାମ୍ କରିବା ପରେ ପଚାରିଲେ ଯେ ତୁମେ କଣ କରୁଅଛ ? ଏଥିର ଆମେ କହିଲୁ ଯେ ଏହି କାରିଜଣଙ୍କ ଆମକୁ କୁର୍‌ଆନ୍ ପଢ଼ି ଶୁଣାଉଥିଲେ ଓ ଆମେ ଶୁଣୁଥିଲୁ । ପୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ ସମସ୍ତ ପ୍ରଶଂସାର ପାତ୍ର ହେଉଛନ୍ତି ଅଲ୍ଲାଃ ଯିଏ ମୋ ସଂପ୍ରଦାୟରେ ଏପରି ଲୋକମାନଙ୍କୁ ମଧ୍ୟ ସାମିଲ କରାଇଛି ଯାହାଙ୍କ ସହିତ ଧୈର୍ଯ୍ୟ / ସହନଶୀଳତାର ନିର୍ଦ୍ଦେଶ ମତେ ଦିଆଯାଇଛି ଯେ ଯେଉଁଭଳି ଏମାନେ ଧୈର୍ଯ୍ୟ ଦେଖାଇଛନ୍ତି ତୁମକୁ ମଧ୍ୟ ଧୈର୍ଯ୍ୟ ଦେଖାଇବା ପାଇଁ ନିର୍ଦ୍ଦେଶ । ରାଓ୍ୱି ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ନିଜ ପବିତ୍ର ଅସ୍ତିତ୍ୱକୁ ଆମ ମଧ୍ୟରେ ସାମିଲ କରିବା ପାଇଁ ଆମ ଗହଣରେ ବସିପଡ଼ିଲେ । ଆପଣ ସ:ଆ:ସ ନିଜ ପବିତ୍ର ହସ୍ତରେ ଗୋଲ୍ କରି ଇସାରା କଲେ ଅର୍ଥାତ୍ ମୁଁ ମଧ୍ୟ ତୁମମାନଙ୍କ ମଧ୍ୟରେ ଅଛି । ଗୋଟିଏ ଗୋଲାକାର ତିଆରି କରି ମଝିରେ ବସିଲେ । ସୁତରାଂ ସମସ୍ତଙ୍କର ମୁହଁ ଆପଣ ସ:ଆ:ସଙ୍କ ଆଡ଼କୁ ହୋଇଗଲା । ରାଓ୍ୱି ବର୍ଣ୍ଣନା କରୁଛନ୍ତି ଯେ ମୋ ମତରେ ରସୁଲୁଲ୍ଲାଃ ସ:ଆ;ସ ମୋ ବ୍ୟତିତ ସେମାନଙ୍କ ମଧ୍ୟରୁ କାହାକୁ ଚିହ୍ନିପାରିଲେ ନାହିଁ । ବର୍ଣ୍ଣନା କରୁଥିବା ଲୋକ ବର୍ଣ୍ଣନା କରୁଛନ୍ତି ଯେ ଏତେ ସଂଖ୍ୟାରେ ଅଧିକା ଲୋକ ସେଠାରେ ଥିଲେ ଯେ ମୋ ବ୍ୟତିତ ଆଉ କାହାକୁ ଚିହ୍ନିପାରିଲେ ନାହିଁ । ସୁତରାଂ ରସୁଲୁଲ୍ଲାଃ ସ:ଆ:ସ କହିଲେ ହେ ଅଭାବି ମୁହାଜିରମାନଙ୍କ ଗୋଷ୍ଠି ତୁମକୁ ସୁସମାଚାର ଦିଆଯାଉଛି । କୟାମତ ଦିନ ତୁମେ ପୂର୍ଣ୍ଣ୍ୟ ଜ୍ୟୋତି ସହିତ ଧନୀ ଲୋକମାନଙ୍କ ଅପେକ୍ଷା ଅଧା ଦିନ ପୂର୍ବରୁ ବୈକୁଣ୍ଠରେ ପ୍ରବେଶ କରିବ । ଏହି ଅଧା ଦିନ (ଅଲ୍ଲାଃଙ୍କ ନିକଟରେ ଆମ ପାଇଁ) ପାଂଚ ଶହ ବର୍ଷ ଦିନ ଅଟେ ।

*(ସୁନନେ ଅବୁ ଦାଉଦ୍ କିତାବୁଲ୍ ଇଲ୍‌ମ୍..... ହଦିସ୍ ନଂ-୩୬୬୬)*

ହଜରତ ମସିହ ମଉଦ ଆ:ସଙ୍କୁ ମଧ୍ୟ ଏଲ୍‌ହାମ୍ (ସ୍ୱର୍ଗବାଣୀ) ହୋଇଥିଲା, ସେଥିରେ ଅସ୍‌ହାବେ ସୁଫାଃ ବିଷୟ ଚର୍ଚ୍ଚା କରାଯାଇଛି । ଆରବୀ ଭାଷାରେ ଏଲ୍‌ହାମ୍ ଥିଲା ଏପରି **"ଅସ୍‌ହାବୁସ୍ ସୁଫ୍‌ଫତି ଓ୍ୱ ମା ଅଦ୍‌ରାକା ମା ଅସ୍‌ହାବୁସ୍ ସୁଫଫତି ତରା ଆୟୁନହୁମ୍ ତଫିଜୁ ମିନଦ୍ ଦମ୍‌ଇ । ୟୁସୁଲ୍ଲୁନା ଆଲୈକା । ରବ୍‌ବନା ଇନ୍ନା ସମେନା ମୁନାଦିୟଇଁ ୟୁନଦି ଲିଲ୍‌ଇମାନି ଓ୍ୱ ଦାଇୟନ୍ ଇଲ୍‌ଲ୍ଲାହି ଓ୍ୱ ସିରାଜମ୍ ମୁନୀରା ।**

ଅର୍ଥାତ: ସୁଫାଃନିବାସି ଓ ତୁମେ କଣ ଜାଣିଛି ଯେ ସୁଫାଃର ଲୋକ କିଏ । ତୁମେ ଦେଖିବ ଯେ ସେମାନଙ୍କ ଆଖିରୁ ଅଶ୍ରୁ ଝରିବ । ସେମାନେ ତୁମ ୁପରେ ଦରୁଦ୍ ପ୍ରେରଣ କରିବେ ଓ କହିବେ ହେ ଆମର ଖୁଦା ! ଆମେ ଜଣେ ଡ଼ାକପକାଉଥିବା ଲୋକର ଆବାଜ୍ / ସ୍ୱର ଡ଼ାକ ଶୁଣିଛୁ ଯିଏ ଇମାନ୍ ଆଡ଼କୁ ଡ଼ାକୁଥିଲେ ।"

*(ହକିକୁତଲ୍ ଓ୍ୱହି ରୁହାନୀ ଖଜାଇନ୍ ଖଣ୍ଡ-୨୨, ପୃ-୭୮)*

ଏହି ଏଲ୍‌ହାମ୍‌ଟି ହଜରତ ମସିହ ମଉଦ ଆ:ସଙ୍କୁ ତାଙ୍କର କିଛି ସାଥିମାନଙ୍କ ସମ୍ୱନ୍ଧରେ ହୋଇଥିଲା ଯେ ମତେ ମଧ୍ୟ ଏପରି (ଲୋକ) ମିଳିବେ । ପୁଣି ହଜରତ ମସିହ ମଉଦ୍ ଆ:ସ ବର୍ଣ୍ଣନା କଲେ ଯେ ଆଁ ହଜରତ ସ:ଆ:ସଙ୍କ ସମୟରେ ଯେଉଁ ଅସ୍‌ହାବେ ସୁଫାଃ ଥିଲେ, ଏମାନେ ବହୁତ ମର୍ଯ୍ୟାଦା ପୂର୍ଣ୍ଣ ଲୋକ ଥିଲେ । ବହୁତ ଦୃଢ଼ ଇମାନ୍ ରଖିଥିବା ଲୋକ ଥିଲେ । ସେମାନେ ଯେଉଁ ନିଷ୍ଠା ଓ ଭକ୍ତି ଭାବର ନମୁନା ପ୍ରଦର୍ଶନ କରିଛନ୍ତି ତାହା ଏକ ଉଦାହରଣ । ଅଲ୍ଲାଃ ତାଲା ମତେ ମଧ୍ୟ କହିଛନ୍ତି ଯେ ତୁମକୁ ମଧ୍ୟ ମୁଁ ଏପରି କିଛି ଲୋକ ପ୍ରଦାନ କରିବି ।

ସହ୍‌ହି ବୁଖାରୀରେ ହଜରତ ଉତ୍‌ବା ବିନ୍ ମସ୍‌ଉଦ୍ ର:ଅଙ୍କ ନାମ ସେହି ସମସ୍ତ ସାହାବି ମାନଙ୍କ ସୁଚିରେ ଅଛି ଯେଉଁମାନେ ବଦର ଯୁଦ୍ଧରେ ସାମିଲ ହୋଇଥିଲେ । ଯେବେ କି ସାହାବି ମାନଙ୍କ ଜୀବନ ଚରିତ ଉପରେ ଆଧାରିତ କେତେକ ପୁସ୍ତକ ଗୁଡ଼ିକରେ ଉଦାହରଣ ସ୍ୱରୁପ ଉସଦୁଲ୍ ଗାବାଃ....., ଅଲ୍‌ଅସାବାଃ.... ଏବଂ ଅଲ୍‌ଇସ୍‌ତିୟାବ ଏବଂ ଅଲ୍‌ବକାତୁଲ୍ କୁବ୍‌ରା ଇତ୍ୟାଦି ସେ ଓ୍ୱହଦ୍ ଯୁଦ୍ଧ ଓ ତା ପରେ ଅନୁଷ୍ଠିତ ହୋଇଥିବା ଯୁଦ୍ଧଗୁଡ଼ିକରେ ସାମିଲ୍ ହୋଇଥିବାର ବର୍ଣ୍ଣିତ ଅଛି ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Siddique Ahmed & Family,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

*(ସହ୍‌ହି ବୁଖାରୀ.... ମିନ୍ ଅହ୍‌ଲେ ବଦର୍..... ଶେଷ ପର୍ଯ୍ୟନ୍ତ) (ଉସ୍‌ଦୁଲ୍ ଗାବାଃ.... ଖଣ୍ଡ-୩, ପୃ-୫୬୩.... ବେରୁତ ଲେବ୍‌ନାନ ୨୦୦୮) (ଅଲ୍‌ଅସାବାଃ.... ଖଣ୍ଡ-୪, ପୃ-୩୬୬... ବେରୁତ ଲେବ୍‌ନାନ ୧୯୯୫) (ଅଲ୍‌ଇସ୍ତିୟାବ.... ଖଣ୍ଡ-୩, ପୃ-୧୦୩୦.... ଦାରୁଲ୍ ଜୈଲ୍ ବେରୁତ) (ତବ୍‌କାତୁଲ୍ କୁବ୍‌ରା ....ଖଣ୍ଡ-୪, ପୃ-୩୮୧.... ବେରୁତ ଲେବ୍‌ନାନ ୧୯୯୬)*

କିନ୍ତୁ ବଦର୍ ଯୁଦ୍ଧରେ ନୁହେଁ । ଯେବେ କି ବୁଖାରୀ ହଜରତ ଉତ୍‌ବାଃ ବିନ୍ ମସ୍‌ଉଦ୍ ର:ଅଙ୍କୁ ବଦ୍‌ରି ସାହାବାମାନଙ୍କ ମଧ୍ୟରେ ଗଣନା କରିଛି

ହଜରତ ଉତ୍‌ବା ବିନ୍ ମସ୍‌ଉଦ୍ ର:ଅଙ୍କ ଦେହାନ୍ତ ହଜରତ ଉମର୍ ର:ଅଙ୍କ ଖିଲାଫତ୍ ସମୟରେ ୨୩ ହିଜରୀରେ ମଦିନାରେ ହୋଇଥିଲା । ହଜରତ ଉମର୍ ତାଙ୍କର ନମାଜ ଯନାଜାଃ ପଢ଼ାଇଛନ୍ତି । କାସିମ୍ ବିନ୍ ଅବ୍‌ଦୁର୍ ରହ୍‌ମାନଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜରତ ଉମର୍ ବିନ୍ ଖତାବ୍ ର:ଅ ହଜରତ ଉତ୍‌ବା ବିନ୍ ମସ୍‌ଉଦ୍‌ଙ୍କ ନମାଜ ଯନାଜାଃ ସମୟରେ ତାଙ୍କ ମାଆ ହଜରତ ଉମ୍ମେ ଅବ୍‌ଦ ର:ଅଙ୍କୁ ଅପେକ୍ଷା କଲେ କି ସେ ମଧ୍ୟ ସମିଲ ହୋଇଯାଆନ୍ତୁ ।

*(ତବ୍‌କାତୁଲ୍ କୁବ୍‌ରା ....ଖଣ୍ଡ-୪, ପୃ-୨୮୩... ବେରୁତ ଲେବ୍‌ନାନ ୧୯୯୬) (ଅଲ୍‌ବିଦାୟାଃ....ଲେ ଇବ୍‌ନେ କସିର୍ ଖଣ୍ଡ-୪, ଭାଗ-୭, ପୃ-୧୩୮.... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ୨୦୦୧)*

ଇମାମ୍ ଜୋହ୍‌ରୀଙ୍କଠାରୁ ଉଦ୍ଧୃତ ଯେ ହଜରତ ଅବ୍‌ଦୁଲ୍ଲାଃ ବିନ୍ ମସୁଦ୍ ର:ଅ ସାହାବି ହେବା ଦୃଷ୍ଟିକୋଣରୁ ଏବଂ ହିଜରତ କରିବା ଦୃଷ୍ଟି କୋଣରୁ ନିଜ ଭାଇ ହଜରତ ଉତ୍‌ବାଃ ର:ଅଙ୍କଠାରୁ ଅଧିକ ପୁରୁଣା ନଥିଲେ । ଅର୍ଥାତ୍ ହଜରତ ଉତ୍‌ବା ବିନ୍ ମସ୍‌ଉଦ୍ ର:ଅ ଅଧିକ ପୁରୁଣା ସାହାବି ଥିଲେ । ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ ଯେବେ ହଜରତ ଉତ୍‌ବା ବିନ୍ ମସ୍‌ଉଦ୍ ର:ଅଙ୍କ ଦେହାନ୍ତ ହେଲା ସେତେବେଳେ ତାଙ୍କ ଭାଇ ହଜରତ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କ ଆଖିରେ ଅଶ୍ରୁ ଭରିଗଲା । କିଛି ଲୋକେ ତାଙ୍କୁ ପଚାରିଲେ ଯେ କଣ ପାଇଁ ଆପଣ କାନ୍ଦୁଛନ୍ତି ? ସେ ଉତର ଦେଲେ ଯେ ଇଏ ମୋ ଭାଇଥିଲେ ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ମୋ ସାଥିଥିଲେ ଏବଂ ହଜରତ ଉମର୍ ର:ଅଙ୍କ ବ୍ୟତିତ ସେ ସବୁ ଲୋକଙ୍କଠାରୁ ଅଧିକା ମତେ ପ୍ରୀୟ ଥିଲେ ।

*(ଉସଦୁଲ୍ ଗାବାଃ..... ଖଣ୍ଡ-୩, ପୃ-୫୬୩....... ବେରୁତ ଲେବ୍‌ନାନ୍ ୨୦୦୮)*

ଆଉ ଏକ ରିୱାୟତ୍‌ରେ ଆସିଛି ଯେ ଯେବେ ହଜରତ ଅବଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କ ନିକଟରେ ତାଙ୍କ ଭାଇ ହଜରତ ଉତ୍‌ବା ବିନ୍ ମସ୍‌ଉଦ୍‌ଙ୍କ ମୃତ୍ୟୁ ଖବର ପହଂଚିଲା, ତାଙ୍କ ଆଖିରୁ ଲୁହ ଝରିପଡ଼ିଲା ଓ ସେ କହିଲେ **ଇନ୍ନା ହାଜିହି ରହ୍‌ମତୁନ୍ ଯାଆଲହାଲ୍ଲାହୁ ଲା ୟମ୍‌ଲିକୁହା ଇବ୍‌ନୁ ଆଦମା** ଅର୍ଥାତ ନିଶ୍ଚିତ ରୂପେ ଏହା ହେଉଛି ରହ୍‌ମତ ଅର୍ଥାତ କରୁଣା ଯାହାକୁ ଅଲ୍ଲାଃ ସୃଷ୍ଟି କରିଛନ୍ତି ଓ ଇବ୍‌ନେ ଆଦମ (ଅର୍ଥାତ ଆଦମ୍‌ଙ୍କ ସନ୍ତାନ) ଏହା ଉପରେ ନିୟନ୍ତ୍ରଣ ରଖିବାରେ ଅସମର୍ଥ ।

*(ତବକାତୁଲ୍ କୁବ୍‌ରା ଖଣ୍ଡ-୪, ପୃ-୩୮୧-୩୮୨..... ବେରୁତ ଲେବ୍‌ନାନ୍ ୧୯୯୬)*

ଅର୍ଥାତ୍ ଏହି ମୃତ୍ୟୁ ହେଉଛି ସତ୍ୟ ଓ ଏହା ପୂଣ୍ୟଲୋକମାନଙ୍କ ପାଇଁ କରୁଣା ହୋଇଯାଏ । ଆଉ ଏକ ରିୱାୟତ ମୁତାବକ ହଜରତ ଉମର୍ ବିନ୍ ଖତାବ ର:ଅ ହଜରତ ଉତ୍‌ବା ବିନ୍ ମସ୍‌ଉଦ୍ ର:ଅଙ୍କୁ ସ୍ଥାନୀୟ ଅମୀର୍ ରୂପେ ନିୟୋଜିତ କରୁଥିଲେ ।

*(ଅଲ୍ ଅସାବାଃ........ ଖଣ୍ଡ-୪, ପୃ-୩୬୬....... ଦାରୁଲ୍ ଫିକ୍‌ର ବେରୁତ ୨୦୦୧)*

ଏବେ ଯେଉଁ ସାହାବିଙ୍କର ଏଠାରେ ଚର୍ଚ୍ଚା କରାଯିବ ସେ ହେଉଛନ୍ତି ହଜରତ ଉବାଦାଃ ବିନ୍ ସାମିତ ର:ଅ । ସେ ଅନ୍‌ସାରୀ ସାହାବି ଥିଲେ । ହଜରତ ଉବାଦାଃଙ୍କ ବାପାଙ୍କ ନାମ ସାମିତ୍ ବିନ୍ କୈସ୍ ଏବଂ ମାଆଙ୍କ ନାମ କୁର୍‌ରତୁଲ୍ ଅଏନ୍ ବିନ୍ତ ଉବାଦାଃ ଥିଲା । ସେ ବୟତେ ଉକ୍‌ବାଃ ଉଲା ଓ ସାନିୟାରେ ସାମିଲ ହୋଇଛନ୍ତି । ଅନ୍‌ସାରଙ୍କ ଖଜ୍‌ରଜ୍ କବିଲାର ବନୁ ଅଓଫ୍ ବିନ୍ ଖଜ୍‌ରଜ୍‌ର ସେ ସର୍ଦ୍ଦାର ଥିଲେ କିୱାକିଲ୍ ନାମରେ ପ୍ରଶିଦ୍ଧ ଥିଲେ । କୱାକିଲ୍ ନାମ କରଣର ତାତ୍ପର୍ଯ୍ୟ ହେଉଛି ଏହା କି ଯେବେ ମଦିନାର କୌଣସି ସର୍ଦ୍ଦାରଙ୍କ ନିକଟକୁ କେହି ଜଣେ ଶରଣ ନେବା ପାଇଁ ଆସେ, ତାଙ୍କୁ କୁହାଯାଉଥିଲା ଯେ ଏହି ପାହାଡ଼ ଉପରେ ମନ ଇଚ୍ଛାରେ ଚଢ଼ିଯାଅ । ଏବେ ତୁ ସୁରକ୍ଷିତ, ତୁମର କିଛି ଅସୁବିଧା ନାହିଁ । ତୁମେ ମନ ଇଚ୍ଛାରେ ଏଠି ରହ, କୌଣସି କଥାର ଭୟ ରଖନାହିଁ । ଯେଉଁମାନେ ତାଙ୍କୁ ଶରଣ ଦେଉଥିଲେ, "କିୱାକିଲ୍" ନାମରେ ପ୍ରଶିଦ୍ଧ ଥିଲେ । ଇବ୍‌ନେ ହୁଶାମ୍ କହୁଛନ୍ତି ଯେ ଏପରି ସର୍ଦ୍ଦାର ଯେବେ କାହାକୁ ଶରଣ ଦିଅନ୍ତି, ତାକୁ ଏକ ତୀର ଦେଇ କହିଥାନ୍ତି ଯେ ଏହି ତୀରକୁ ଧରି ଏବେ ମନଇଚ୍ଛାରେ ଯେଉଁଆଡ଼େ ଚାହଁ ଯାଅ । ହଜରତ ନୋମାନ୍‌ଙ୍କ ଦାଦା (ଜେଜେ) ସାଲବା ବିନ୍ ୱଅଦ୍‌ଙ୍କୁ "କୌକଲ୍" କୁହାଯାଉଥିଲା । ସେହିପରି ଖଜ୍‌ରଜ୍‌ର ସର୍ଦ୍ଦାର ଗନମ୍ ବିନ୍ ଅଓଫଙ୍କୁ ମଧ୍ୟ କୌକଲ କୁହାଯାଉଥିଲା । ସେହିପିର ହଜରତ ଉବାଦାଃ ବିନ୍ ସାମିତ୍ ମଧ୍ୟ କୌକଲ୍ ନାମରେ ପ୍ରସିଦ୍ଧ ଥିଲେ । ବନୁ ସାଲମ୍, ବନୁ ଗନମ୍ ଏବଂ ବନୁ ଅଓଫ୍ ବିନ୍ ଖଜ୍‌ରଜ୍‌ଙ୍କ ମଧ୍ୟ କୱାକିଲ୍ କୁହାଯାଉଥିଲା । ବନୁ ଅଓଫ୍‌ର ସର୍‌ଦାର୍ ହଜ୍‌ରତ୍ ଉବାଦାଃ ବିନ୍ ସାମିତ ଥିଲେ ।

*(ଉସ୍‌ଦୁଲ୍ ଗାବାଃ...... ଖଣ୍ଡ-୩, ପୃ-୧୫୮-୧୫୯....... ବେରୁତ ୨୦୦୮) (ତବକାତୁଲ୍ କୁବ୍‌ରା...... ଖଣ୍ଡ-୩, ପୃ-୪୧୪..... ବେରୁତ ଲେବାନନ୍ ୨୦୧୨) (ସିରତୁନ୍ ନବୱିୟା........ ପୃ-୩୦୯..... ଦାରୁଲ୍ କୁତୁବୁଲ୍ ଇଲମିୟା ୨୦୦୧) (ତାଜୁଲ୍ ଉରୁସ୍ ମୂଳ ଶବ୍ଦ "କକଲ୍" ଅନ୍ତର୍ଗତ ଖଣ୍ଡ-୧୫, ପୃ-୬୨୭....... ଦାରୁଲ୍ ଫିକ୍‌ର ବେରୁତ ୧୯୯୪)*

ହଜରତ ଉବାଦାଃ ର:ଅଙ୍କ ଜଣେ ପୁଅଙ୍କ ନାମ ୱଲିଦ୍ ଥିଲା, ଯାହାଙ୍କ ମାଆଙ୍କ ନାମ ଯମିଲା ବିନ୍ତ ଅବୁ ସାଅସାଅ୍ ଥିଲା । ଦ୍ୱିତୀୟ ପୁତ୍ରଙ୍କ ନାମ ମୁହମ୍ମଦ ଥିଲା ଯାହାଙ୍କ ମାଆଙ୍କ ନାମ ହଜରତ ଉମ୍ମେ ହରାମ୍ ବିନ୍‌ତେ ମିଲ୍‌ହାନ୍ ଥିଲା ହଜରତ ଅଓସ୍ ବିନ୍ ସାମିତ ର:ଅ ହଜରତ ଉବାଦାଃଙ୍କ ଭାଇ ଥିଲେ । ହଜରତ ଅଓସ୍ ର:ଅ ମଧ୍ୟ ବଦ୍‌ରି ସାହାବା ଥିଲେ । *(ତବ୍‌କାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୨୮୦-୨୮୧..... ବେରୁତ ୧୯୯୬)*

ଯେବେ ହଜରତ ମର୍‌ସଦ୍ ଗନୱି ର:ଅ ହିଜରତ କରି ମଦିନା ଆସିଲେ ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ହଜରତ ଉବାଦାଃ ର:ଅଙ୍କ ସହିତ ମୁଆଖାତ (ଅର୍ଥାତ ଭାତୃବନ୍ଧନ) ପ୍ରତିଷ୍ଠା କରିଥିଲେ । ହଜରତ ଉବାଦାଃ ବଦର୍, ଉହଦ୍, ଖନ୍ଦକ ସମେତ ଅନ୍ୟ ସମସ୍ତ ଗଜ୍‌ୱାତ (ଯୁଦ୍ଧ)ରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ । ହଜରତ ଉବାଦାଃ ର:ଅ ୩୪ ହିଜ୍‌ରୀରେ ପାଲେଷ୍ଟାଇନ୍ ଦେଶର ରମ୍ଳାଠାରେ ମୃତ୍ୟୁ ବରଣ କରିଥିଲେ । କେତେକଙ୍କ ଅନୁସାରେ ସେ ବଇତୁଲ୍ ମୁକଦ୍ଦସ୍‌ଠାରେ ମୃତ୍ୟୁ ବରଣ କରିଥିଲେ ଓ ସେଠାରେ ହିଁ ତାଙ୍କୁ କବର୍ ଦିଆଯାଇଛି ଓ ଆଜି ମଧ୍ୟ ତାଙ୍କ କବର ଚିହ୍ନିତ ଅଛି । ଆଉ ଏକ ରିୱାୟତ ମୁତାବକ ହଜରତ ଉବାଦାଃ ର:ଅଙ୍କ ଦେହାନ୍ତ କୁବ୍‌ରୁସ୍‌ଠାରେ ହୋଇଥିଲା ସେତେବେଳେ ସେ ହଜରତ ଉମର ର:ଅଙ୍କ ତରଫରୁ ସେଠିକାର ୱାଲି ରୂପେ ନିୟୋଜିତ ହୋଇଥିଲେ । ମୃତ୍ୟୁ ବେଳକୁ ତାଙ୍କର ବୟସ ୭୨ ବର୍ଷ ହୋଇଥିଲା । ସେ ଉଚ୍ଚା, ମୋଟା ଓ ସୁନ୍ଦର ବ୍ୟକ୍ତି ଥିଲେ । କେତେକଙ୍କ ଅନୁସାରେ ତାଙ୍କର ଦେହାନ୍ତ ୪୫ ହିଜର୍‌ରୀରେ ଅମୀର୍ ମାୱିୟାଙ୍କ ଯୁଗରେ ହୋଇଛି କିନ୍ତୁ ପ୍ରଥମ କଥନଟି ଅଧିକା ସଠିକ୍ ଯେଉଁଥିରେ ତାଙ୍କର ମୃତ୍ୟୁକୁ ୩୪ ହିଜରୀରେ ପାଲେଷ୍ଟାଇନ୍‌ଠାରେ ହେବା ବିଷୟ ବର୍ଣ୍ଣିତ ଅଛି । ନା କି ୪୫ ହିଜରୀରେ ।

*(ଉସ୍‌ଦୁଲ୍ ଗାବାଃ...... ଖଣ୍ଡ-୩, ପୃ-୫୫-୫୬....... ଦାରୁଲ୍ ଫିକର ବେରୁତ ୨୦୦୩) (ଅଲ୍‌ଇସ୍ତିୟାବ୍.... ଖଣ୍ଡ-୨, ପୃ-୩୫୫..... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨) (ଶରହ୍ ମସ୍‌ନଦ୍ ଶାଫି.....ଖଣ୍ଡ-୨, ପୃ-୧୬୫..... କତର୍ ୨୦୦୭....)*

ହଜରତ ଉବାଦାଃ ବିନ୍ ସାମିତ ର:ଅଙ୍କ ରିୱାୟତ୍‌ର ସଂଖ୍ୟା ୧୮୧ ପର୍ଯ୍ୟନ୍ତ ପହଂଚିଛି । ହଦିସ୍‌ରେ ତାଙ୍କର ବିଭିନ୍ନ ରିୱାୟତ ରହିଛି । ସେ ଗୁଡ଼ିକ ବଡ଼ ବଡ଼ ସାହାବିମାନେ ଏବଂ ତାବେଇନ୍ ମାନେ ବର୍ଣ୍ଣନା ରହିଛି । ସୁତରାଂ ସାହାବାମାନଙ୍କ ମଧ୍ୟରୁ ହଜରତ ଅନସ୍ ବିନ୍ ମାଲିକ ର:ଅ, ହଜରତ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅ ଏବଂ ହଜରତ ମିକ୍‌ଦାଦ୍ ବିନ୍ ମାଆଦି କିର୍‌ବ୍ ଇତ୍ୟାଦି ରହିଛନ୍ତି । *(ସିରସ୍ ସାହାବାଃ ଖଣ୍ଡ-୩, ପୃ-୪୦୫........ କରାଚି ୨୦୦୪)*

ରାୱି କହୁଛନ୍ତି ଯେ ହଜରତ ଉବାଦାଃ ର:ଅ ବଦର୍ ଯୁଦ୍ଧରେ ସାମିଲ ହୋଇଥିଲେ । ଅକ୍‌ବା ରାତିରେ ଇଏ ମଧ୍ୟ ସର୍‌ଦାର୍‌ମାନଙ୍କ ମଧ୍ୟରେ ଜଣେ ସର୍‌ଦାର ଥିଲେ । ହଜରତ ଉବାଦାଃ ବିନ୍ ସାମିତ ର:ଅ ବର୍ଣ୍ଣନା କରିଛନ୍ତି ଯେ: ଏକଦା ଆଁ ହଜରତ ସ:ଆ:ସଙ୍କ ଚତୁପାର୍ଶ୍ୱରେ ସାହାବାମାନେ ଉପସ୍ଥିତ ଥିଲେ, ଆଁ ହଜରତ ସ:ଆ:ସ କହିଲେ ଯେ ମୋର ବୟତ ଏହିସବୁ କଥା ଗୁଡ଼ିକ ଉପରେ କର ଅର୍ଥାତ ତୁମେ କୌଣସି ବସ୍ତୁକୁ ଅଲ୍ଲାଃଙ୍କ ସମକକ୍ଷ କରିବ ନାହିଁ । ଚୋରି କରିବ ନାହିଁ । ସନ୍ତାନକୁ ହତ୍ୟା କରିବ ନାହିଁ । ଜାଣିଶୁଣି କାହା ଉପରେ ମିଥ୍ୟାରୋପ / ଲାଞ୍ଛନା ଲଗାଇବ ନାହିଁ । ଏବଂ ସଠିକ୍ ଓ ଉଚିତ କଥାର ଅବମାନନା କରିବ ନାହିଁ । ତେଣୁ ତୁମମାନଙ୍କ ମଧ୍ୟରୁ ଯିଏ ଏ ସବୁ ପ୍ରତିଶୃତିକୁ ପୂରଣ କିରବ ତା'ର ପୂଣ୍ୟ ପୁରସ୍କାର ଅଲ୍ଲାଃଙ୍କ ଦାୟିତ୍ୱରେ ରହିବ । ଯିଏ ଏହି କୁକର୍ମ ଗୁଡ଼ିକ ମଧ୍ୟରୁ କୌଣସି କୁକର୍ମ କଲା ଓ ତାକୁ ଏ ପୃଥିବୀରେ ଦଣ୍ଡ ମିଳିଗଲା, ତେବେ ଏହି ଦଣ୍ଡ ତା' ପାଇଁ କଫାରାଃ (ଅର୍ଥାତ ତାର ପ୍ରାୟଶ୍ଚିତ) ହେବ । ଯିଏ ଏହି କୁକର୍ମ ମଧ୍ୟରୁ କୌଣସି କୁକର୍ମ କଲା ଓ ଅଲ୍ଲାଃ ତାହା ଢ଼ାଙ୍କିଦେଲେ (ଅର୍ଥାତ ପ୍ରକାଶ କଲେ ନାହିଁ)ତେବେ ତାର ମାମଲା ଅଲ୍ଲାଃଙ୍କ ଦାୟିତ୍ୱରେ । ଅଲ୍ଲାଃ ଚାହିଲେ ତାକୁ କ୍ଷମା କରିପାରନ୍ତି ଚାହିଁଲେ ଦଣ୍ଡ ଦେଇ ପାରନ୍ତି । ସୁତରାଂ ଆମେ ଏହି ସବୁ କଥା ଉପରେ ଆପଣ ସ:ଆ:ସଙ୍କର ବୟତ କଲୁ । ଏହା ବୁଖାରୀରେ ରିୱାୟତ

*(ସହ୍‌ହି ବୁଖାରୀ କିତାବୁଲ ଇମାନ୍ ....... ହଦସି ୧୮)*

ମଦିନାକୁ ହିଜରତ କରି ଯିବା ସମୟରେ ନବି କରିମ୍ ସ:ଆ:ସ ଯେତେବେଳେ କୁବାଠାରେ ଯୁମା ନମାଜ ପଢ଼ିବା ପରେ ମଦିନା ଆଡ଼କୁ ଯିବା ପାଇଁ ନିଜ ଓଟ ଉପରେ ଅରୋହଣ କଲେ । ଆଁ ହଜରତ ସ:ଆ:ସ ତାର ଲଗାମ୍‌କୁ ଢ଼ିଲା କରିଦେଲେ ଓ କିଛି ହର୍‌କତ୍ କଲେ ନାହିଁ । ଓଟ ଟି ଡ଼ାହାଣ ପାର୍ଶ୍ୱକୁ ଓ ବାମ ପାର୍ଶ୍ୱକୁ ଏପରି ଦେଖିବାକୁ ଲାଗିଲା ଯେପରି ସେ କେଉଁ ପାର୍ଶ୍ୱକୁ ଯିବା ପାଇଁ ନିଷ୍ପତି ନେଉଅଛି ଯେ କେଉଁଆଡ଼କୁ ଯିବି । ଏହିପରି ଛିଡ଼ା ହୋଇ ଡ଼ାହାଣ ଓ ବାମ ପାର୍ଶ୍ୱକୁ ଦେଖୁଥିଲା ଓ ଆଗକୁ ଯାଉନଥିଲା । ଏହା ଦେଖି ବନୁ ସାଲିମ୍‌ର

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଲୋକମାନେ ଅର୍ଥାତ ଯାହାଙ୍କ ମହଲ୍ଲାରେ ଆଁ ହଜରତ ସ:ଆ:ସ ଯୁମା ନମାଜ ପଢ଼ିଥିଲେ, ସେମାନେ ଆଁ ଜହରତ ସ:ଆ:ସଙ୍କୁ ପ୍ରଶ୍ନ ପଚାରିଲେ । ସେମାନଙ୍କ ମଧ୍ୟରେ ଇତ୍‌ବାନ୍ ବିନ୍ ମାଲିକ୍, ନୌଫଲ୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ମାଲିକ ଏବଂ ଉବାଦାଃ ବିନ୍ ସାମିତ ମଧ୍ୟ ଥିଲେ । ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍! ସ:ଆ:ସ ଆମ ପାଖରେ ରୁହନ୍ତୁ । ଏଠିକାର ଜନସଂଖ୍ୟା ମଧ୍ୟ ଅଧିକ । ଏଠାରେ ମାନ ସମ୍ମାନ ଓ ସୁରକ୍ଷା ମଧ୍ୟ ଭଲ ହେବ । ଆମେ ସଂପୁର୍ଣ୍ଣ ମାନ ସମ୍ମାନ ଦେବୁ ଓ ସୁରକ୍ଷା ମଧ୍ୟ କରିବୁ । ଏଠାରେ ଆମେ ଅଧିକ ମାତ୍ରାରେ ମସୁଲମାନ ରହୁଛୁ । ଆଉ ଗୋଟିଏ ରିୱାୟତ୍‌ରେ ଏ ଶବ୍ଦ ମଧ୍ୟ ପ୍ରୟୋଗ କରାଯାଉଛି ଯେ ଏଠାରେ ଧନ ସଂପତି ମଧ୍ୟ ଅଛି । ଆମ ଲୋକମାନେ ବହୁତ ସ୍ୱଚ୍ଛଳ ଶ୍ରେଣୀର । ଟଙ୍କା ପଇସା ଆମ ପାଖରେ ଅଛି । ଆଉ ଗୋଟିଏ ରିୱାୟତ୍‌ରେ ଆସୁଛି ଯେ ଆମ କବିଲାରେ ଓହ୍ଲାନ୍ତୁ, ଆମେ ସଂଖ୍ୟାରେ ମଧ୍ୟ ଅଧିକା ଓ ଆମ ନିକଟରେ ଅସ୍ତ୍ରଶସ୍ତ୍ର ମଧ୍ୟ ଅଛି ତତ୍‌ସହିତ ଆମ ନିକଟରେ ବଗିଚା ଓ ଜୀବନ ବିତାଇବା ପାଇଁ ଆବଶ୍ୟକ ଜିନିଷପତ୍ର ଅଛି । ପୁଣି ସେମାନେ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ ! (ସ:ଆ:ସ) ଯେବେ କୌଣସି ଆରବୀୟ ଭୟଭିତ ହୋଇ ବା ଛାନିଆ ହୋଇ ଏହି ଇଲାକାରେ ପ୍ରବେଶ କରେ, ସେ ଆମ ନିକଟରେ ଆସି ଶରଣ ଚାହିଁଥାଏ । ଆଁ ହଜରତ ସ:ଆ:ସ ତାଙ୍କର ସବୁ କଥା ଶୁଣିଲେ, ଏଥିପାଇଁ ଆଶିର୍ବାଦ ଦେଲେ ଓ କହିଲେ ତୁମାମାନଙ୍କ କଥା ଓ ତୁମର ସବୁ କିଛି ଠିକ୍ ଅଛି । ପୁଣି କହିଲେ ଓଟର ରାସ୍ତା ଛାଡ଼ିଦିଅ ଆଜି ସେ ମାମୁର ଅଛି (ଅର୍ଥାତ ସେ ସ୍ୱାଧୀନରୂପେ କାର୍ଯ୍ୟ କରିବ । ସେ ଯେଉଁ ଜାଗାକୁ ଯିବାକୁ ଚାହିଁବ । ଯେଉଁଠି ରହିବାକୁ ଚାହିଁବ, ବସିବାକୁ ଚାହିଁବ, ସେ ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ କରିବ । ଆଉ ଏକ ରିୱାୟତରେ ଏ ଶବ୍ଦ ମଧ୍ୟ ବ୍ୟବହାର କରାଯାଇଛି ଯେ ଆପଣ ସ:ଆ:ସ କହିଲେ ଏହି ଓଟ ମାମୁର ଅଛି (ଅର୍ଥାତ ଅଲ୍ଲାଃଙ୍କ ଦ୍ୱାରା ପରିଚାଳିତ) ତେଣୁ ତା ରାସ୍ତାକୁ ଛାଡ଼ି ଦିଅ । ଆପଣ ହସି ହସି ଏକଥା କହୁଥିଲେ ଯେ ଯାହା ମଧ୍ୟ ତୁମେ ପ୍ରସ୍ତାବ ଦେଲ ଏଥିରେ ଅଲ୍ଲାଃ ତାଲା ତୁମମାନଙ୍କ ଉପରେ ନିଜର ବର୍‌କତ୍ ଅବତୀର୍ଣ୍ଣ କରନ୍ତୁ । ପୁଣି ଓଟଟି ସେଠାରୁ ଚାଲିବାକୁ ଲାଗିଲା ।

*(ସିରତୁଲ୍ ହଲ୍‌ବିୟା ଖଣ୍ଡ-୨, ପୃ-୮୩..... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨)*

ପୁସ୍ତକ "ସିରତୁସ୍ ସାହାବାଃ"ର ଲେଖକ ମିସର ବିଜୟ ସମ୍ବନ୍ଧରେ ଏକଥା ଲେଖିଛନ୍ତି ଯେ ଯେବେ ଖିଲାଫତେ ଫାରୁକ ସମୟରେ ମିସର ବିଜୟ ହେବାର ବିଳମ୍ବ ହେଲା ସେତେବେଳେ ହଜରତ ଅମରୋ ବିନ୍ ଆସ ର:ଅ ହଜରତ ଉମର୍‌ଙ୍କୁ ଆହୁର ଅଧିକ ସେନା ପ୍ରେରଣ କରିବା ପାଇଁ ଚିଠି ଲେଖିଲେ । ହଜରତ ଉମର୍ ଚାରି ହଜାର ସେନା ପ୍ରେରଣ କଲେ । ସେଥି ମଧ୍ୟରୁ ଏକ ହଜାର ସେନାଙ୍କ ଅଫିସର ହଜରତ ଉବାଦାଃ ର:ଅ ଥିଲେ । ଉତରରେ ଲେଖିଲେ ଯେ ଏହି ଅଫିସର ମାନଙ୍କ ମଧ୍ୟରୁ ପ୍ରତ୍ୟେକ ହେଉଛନ୍ତି ଏକ ହଜାର ଲୋକଙ୍କ ସହିତ ସମାନ । ଏହି ସାହାଯ୍ୟ ମିସର ପହଂଚିବା ପରେ ହଜରତ ଅମ୍‌ରୋ ବିନ୍ ଆସ ର:ଅ ସବୁ ସେନାଙ୍କୁ ଏକାଠି କରି ଏକ ପ୍ରଭାବଶାଳୀ ଭାଷଣ ଦେଲେ ଏବଂ ହଜରତ ଉବାଦାଃଙ୍କୁ ଡ଼ାକି କହିଲେ ଯେ ତୁମ ନିଜର ନେଜା ଅର୍ଥାତ ଭାଲିଟିକୁ ମତେ ଦିଅ ଏବଂ ସ୍ୱୟଂ ଅର୍ଥାତ ଅମ୍‌ରୋ ବିନ ଆସ ର:ଅ ନିଜ ମୁଣ୍ଡରୁ ନିଜ ପଗଡିକୁ ଓହ୍ଲାଇ ଦେଲେ ଓ ନେଜା ଟିରେ ଲଗାଇ ଦେଇ ତାହା ତାଙ୍କୁ ପ୍ରଦାନ କରି କହିଲେ ଏହା ସେନାଧ୍ୟକ୍ଷଙ୍କ ଧ୍ୱଜା ଅଟେ । ଆଜି ଆପଣ ହେଉଛନ୍ତି ସେନାଧ୍ୟକ୍ଷ । ଅଲ୍ଲାଃଙ୍କ ଚମକ୍ ।ର ଦେଖ ଯେ ତା'ପରେ ପ୍ରଥମ ଆକ୍ରମଣ ରେ ହିଁ ଉକ୍ତ ସହର ଉପରେ ବିଜୟ ପ୍ରାପ୍ତ ହେଲା ।

*(ସିରସ୍ ସାହାବାଃ..... ଖଣ୍ଡ-୩, ଭାଗ-୨, ପୃ-୪୦୨, ଦାରୁଲ୍ ଇଶାଅତ୍ କରାଚି ୨୦୦୪)*

ହଜରତ ଅବୁ ଉବୈଦାଃ ବିନ୍ ଯରାହ୍ ର:ଅ ଦମଶ୍‌କ ବିଜୟ ପରେ ହିମ୍‌ସରେ ପହଂଚିଲେ, ଏଠିକାର ବାସିନ୍ଦା ତାଙ୍କ ସହିତ ସୁଲହ୍ (ଅର୍ଥାତ ସନ୍ଧି) କରିଦେଲେ । ତା ପରେ ସେ ହଜରତ ଉବାଦାଃ ର:ଅ ବିନ୍ ସାମିତଙ୍କୁ ହିମ୍‌ସ ର ନିଗ୍‌ରାନ୍ (ନିରିକ୍ଷକ) ରୂପେ ନିୟୋଜିତ କଲେ ଏବଂ ନିଜେ ହୁମାତ୍ ଆଡ଼କୁ ଅଗ୍ରସର ହେଲେ ।

ହଜରତ ଉବାଦାଃ ବିନ୍ ସାମିତ ର:ଅ ପରେ ଲାଜିକିୟା ଆଡ଼କୁ ଅଗ୍ରସର ହେଲେ, ତାହା ସିରିଆ ଦେଶର ସମୁଦ୍ର କୂଳରେ ଅବସ୍ଥିତ ଏକ ସହର । ସେଠିକାର ବାସନ୍ଦା ମୁସଲମାନମାନଙ୍କ ସହିତ ଯୁଦ୍ଧ କଲେ । ସେଠାରେ ଏକ ବିଶାଳ ଫାଟକ ଥିଲା, ଯାହା ବହୁ ସଂଖ୍ୟକ ଲୋକଙ୍କ ବିନା ଖୋଲୁ ନଥିଲା । ହଜରତ ଉବାଦାଃ ସେନାଙ୍କୁ ସହରଠାରୁ ଦୁରକୁ ନେଇଗଲେ ଓ ତାଙ୍କୁ ଏପରି ଏକ ଗର୍ତ ଖୋଳିବାକୁ ନିର୍ଦ୍ଦେଶ ଦେଲେ, ଯେଉଁଥିରେ ଜଣେ ଲୋକ ତା' ଘୋଡ଼ା ସମେତ ଭଲ ଭାବେ ଲୁଚି ରହିପାରିବେ । ଏକ ଲମ୍ବା ଚଉଡ଼ା ଗାଡ଼ ଖୋଳ । ମୁସଲମାନମାନେ ଗାଡ଼ ଖୋଳିବା ପାଇଁ ବହୁତ ଚେଷ୍ଟା କଲେ । ଏ କାର୍ଯ୍ୟ ସମ୍ପାଦନ କରିବା ପରେ ଦିବାଲୋକରେ ହିମ୍‌ସ ଆଡ଼କୁ ଯିବା ପାଇଁ ବାହାରିଲେ ଏବଂ ଯେବେ ରାତି ଆସିଲା, ଏମାନେ ନିଜ ଛାଉଣି ଓ ନିଜ ଖଳକ (ଅର୍ଥାତ ଖୋଳାଯାଇଥିବା ଗାଡ଼) ଆଡ଼କୁ ଫେରି ଆସିଲେ । ଲାଜିକିୟାର ବାସିନ୍ଦା ଏକଥାରେ ଧୋକା ଖାଇଗଲେ ଯେ ଏମାନେ ଦିନ ବେଳା ଏ ଇଲାକା ଛାଡ଼ି ଚାଲି ଗଲେଣି । ଯେବେ ରାତି ପାହିଲା ସେମାନେ ନିଜ ଫାଟକକୁ ଖୋଲିଦେଲେ ଓ ନିଜର ପଶୁଗୁଡ଼ିକୁ ନେଇ ବାହାରକୁ ବାହାରିଲେ । ଅଚାନକ ମୁସଲମାନ ବାହାରି ପଡ଼ିଲେ ଏ କଥା ଦେଖି ସେମାନେ ସ୍ତମ୍ଭିଭୁତ ହେଲେ । ମୁସଲମାନମାନେ ତାଙ୍କ ଉପରେ ଆକ୍ରମଣ କରିଦେଲେ ଓ ଫାଟକ ରାସ୍ତା ଦେଇ ସହର ଭିତରେ ପ୍ରବେଶ କରିଗଲେ ଓ ସେହି ସହରକୁ ବିଜୟ କଲେ । ହଜରତ ଉବାଦାଃ କିଲା ମଧ୍ୟରେ ପ୍ରବେଶ କଲେ, ତା କାନ୍ଥ ଉପରେ ଚଢ଼ି ତକ୍‌ବିର କହିଲେ । ଲାଜିକିୟାର ନସାରା ମାନଙ୍କ ମଧ୍ୟରୁ ଏ କୌମ୍ "ୟସିଦ୍" ଆଡ଼କୁ ପଳାୟନ କଲା ପୁଣି ସେମାନେ ଶରଣ ଭିକ୍ଷା କଲେ । ପ୍ରଥମେ ତ ଭୟରେ ଚାଲିଯାଇଥିଲେ କିନ୍ତୁ ପୁଣି ସେମାନେ ଶରଣ ମାଗିଲେ ଓ କହିଲେ ଆମକୁ ସୁରକ୍ଷା ଦିଅନ୍ତୁ ଆମେ ଫେରି ଯିବାକୁ ଚାହୁଁଛୁ । ସୁତରାଂ ଖରାଜ୍ (ଟ୍ୟାକ୍ସ) ଦେବା ସର୍ତରେ ତାକୁ ତାଙ୍କର ଜମିବାଡ଼ି ଦେଇ ଦିଆଗଲା ଯେ ଆମଦାନିର ଏକ ଭାଗ ତୁମେ ଦବ । ସୁତରାଂ ସେମାନଙ୍କ ଜମିବାଡ଼ି ଫେରାଇ ଦିଆଗଲା ଓ ସେମାନଙ୍କ ଉପାସନା ପୀଠ ତାଙ୍କ ପାଇଁ ଛାଡ଼ିଦିଆଗଲା ଯେଉଁଥିରେ ସେମାନେ ଉପାସନା କରୁଥିଲେ ତାହା ମଧ୍ୟ ତାଙ୍କୁ ଦେଇ ଦିଆଗଲା ଯେ ଠିକ୍ ଅଛି ତୁମେ ଯେମିତି ଚାହୁଁଛ ନିଜର ଉପାସନା କର । ମୁସଲମାନ ମାନେ ଲାଜିକିୟାଠାରେ ହଜରତ ଉବାଦାଃଙ୍କ ନିର୍ଦ୍ଦେଶରେ ଏକ ମସ୍‌ଜିଦ୍ ନିର୍ମାଣ କଲେ । ଯାହାକୁ ପରେ ପ୍ରସାରଣ କରିଦିଆଗଲା । ହଜରତ ଉବାଦାଃ ର:ଅ ଏବଂ ମୁସଲମାନମାସେ ସମୁଦ୍ର କୂଳରେ ପହଂଚିଲେ ଏବଂ "ବଲ୍‌ଦାଃ" ନାମକ ଏକ ସହର ଉପରେ ବିଜୟ ଲାଭ କଲେ ଯାହା ଯବ୍‌ଲା କିଲାଠାରୁ ଦୁଇ ଫରସଖ୍ ଅର୍ଥାତ ଛଅ ମାଇଲ ଦୁରତାରେ ଅବସ୍ଥିତ ଥିଲା ।

ହଜରତ ଉବାଦାଃ ର:ଅ ଓ ତାଙ୍କ ସାଥିମାନେ ପୁଣି ଅନେକ ବିଜୟ କରିଛନ୍ତି । ସେମାନଙ୍କ ଯୋଗେ "ଅନ୍‌ତରତୁସ୍" ଜିଣାଗଲା ଯାହା ସିରିଆ ଦେଶର ସମୁଦ୍ର କୁଳରେ ଅବସ୍ଥିତ ଏକ ସହର । ଏହିପରି ପୁଣି ସିରିଆ ଦେଶର ଲାଜିକିୟା, ଯବ୍‌ଲା, ବଲ୍‌ଦାଃ ଏବଂ ଅନ୍‌ତରତୁସ୍ ସହର ହଜରତ ଉବାଦାଃ ବିନ୍ ସାମିତ ର:ଅଙ୍କ ଦ୍ୱାରା ବିଜୟ ପ୍ରାପ୍ତ ହେଲା ।

*(ଫତୁହୁଲ୍ ବଲ୍‌ଦାନ୍ ପୃ-୮୩-୮୫........ ବେରୁତ ୨୦୦୦) (ମଜ୍‌ମଉଲ୍ ବଲ୍‌ଦାନ୍ ଖଣ୍ଡ-୪, ପୃ-୧୬୯....... ବେରୁତ)*

ଏକଦା ନବି କରିମ୍ ସ:ଆ:ସ ହଜରତ ଉବାଦାଃ ର:ଅଙ୍କୁ କେତେକ ସଦକାତ୍ (ଅର୍ଥାତ ପୂଣ୍ୟ କାର୍ଯ୍ୟ) କରିବା ନିମନ୍ତେ ନିରିକ୍ଷକ ରୂପେ ନିୟୋଜିତ କଲେ ଓ ତାଙ୍କୁ ଉପଦେଶ ଦେଲେ ଯେ ଅଲ୍ଲାଃଙ୍କୁ ଭୟ କରୁଥିବ । ଏପରି ନ ହେଉ କି କୟାମତ ଦିନ ତୁମେ ଓଟକୁ, ଗାଇକୁ ବା ଛେଳିକୁ ନିଜ ଉପରେ ଲଦି ନେଇ ଆସିବ ଓ ସେମାନେ ଚିତ୍କାର କରୁଥିବେ ଅର୍ଥାତ ବିଶ୍ୱାସଘାତ ନ ହୋଇଯାଉ । ଏପରି ନ ହେଉକି ସଦ୍‌କାତ ଗୁଡ଼ିକର ସଠିକ୍ ରୂପେ ସୁରକ୍ଷା ନ କରିପାର । ସେ ସମୟରେ ଯେଉଁ ସଦ୍‌କାତ୍ ଆସୁଥିଲା ସେଥିମଧ୍ୟରେ ଜକାତ୍‌ରେ ବା ସଦ୍‌କାରେ ଗାଇ ଓଟ ଓ ଛେଳି ଇତ୍ୟାଦି ପଶୁ ମଧ୍ୟ ସାମିଲ ଥିଲେ । ତେଣୁ ଏପରି ନ ହେଉ କି ତୁମେ ସଠିକ୍ ରୂପେ ଏ କାର୍ଯ୍ୟକୁ ସମ୍ପାଦନ ନ କରିପାର ବା ଏଗୁଡ଼ିକରେ ବଂଟନ ନ କରିପାର ଫଳତଃ କୟାମତ ଦିନ ସେହି ସବୁ ଜିନିଷ ତୁମ ପାଇଁ ବୋଝ ହୋଇଯିବେ । ହଜରତ ଉବାଦାଃ ! ବିନ୍ ସାମିତ୍ ର:ଅ ଏହା ଶୁଣି କହିଲେ ଯେ ମତେ ତା ରାଣ ଯିଏ ଅପାଣଙ୍କୁ ସତ୍ୟର ସହିତ ପ୍ରେରଣ କରିଛନ୍ତି ମୁଁ ଦୁଇଜଣ ଲୋକଙ୍କ ଉପରେ ଆମିଲ (ନିରୀକ୍ଷକ / ଶାସକ) ହେବି ନାହିଁ ।

ମୋର ତ ଅବସ୍ଥା ଏପରି କି ମୁଁ କାହାର ବୋଝକୁ ବରଦାସ୍ତ କରିପାରିବି ନାହିଁ । ତେଣୁ ମତେ ନ ବନାଇବା ହିଁ ଉଚିତ ହେବ । ନବି କରିମ୍ ସ:ଆ:ସଙ୍କ ସମୟରେ ଅନ୍‌ସାରମାନଙ୍କ ମଧ୍ୟରୁ ପାଂଚ ଜଣ ବ୍ୟକ୍ତି ପବିତ୍ର କୁର୍‌ଆନକୁ ଏକତ୍ରିତ କରିଥିଲେ ସେମାନଙ୍କ ନାମ ହେଉଛି ଏପରି:

ହଜରତ ମୁଆଜ୍ ବିନ୍ ଜବଲ୍ ର:ଅ, ହଜରତ ଉବାଦାଃ ବିନ୍ ସାମିତ, ହଜରତ ଉବୟା ବିନ୍ କାବ୍ ର:ଅ, ହଜରତ ଅବୁ ଅୟୁବ ଅନ୍‌ସାରୀ ଏବଂ ହଜରତ ଅବୁ ଦର୍‌ଦାଆ ର:ଅ ।

*(ଉସଦୁଲ୍ ଗାବାଃ....ଖଣ୍ଡ-୩, ପୃ-୫୫, ଦାରୁଲ୍ ଫିକର୍ ବେରୁତ ୨୦୦୩)*

ହଜରତ ୟଜିଦ୍ ବିନ୍ ସୁଫିୟାନ୍ ର:ଅ ଫତହ୍ ଶାମ୍ (ଅର୍ଥାତ ସିରିଆ ବିଜୟ) ପରେ ହଜରତ ଉମର ର:ଅଙ୍କୁ ଲେଖିଲେ ଯେ ସିରିଆର ବାସିନ୍ଦାମାନଙ୍କ ପାଇଁ ଏପରି ମୁଅଲ୍ଲିମ୍ (ଶିକ୍ଷକ)ଙ୍କ ଆବଶ୍ୟକତା ଅଛି ଯିଏ ଏମାନଙ୍କୁ କୋରାନ୍ ଶିଖାଇବ ଓ ଦୀନ୍ ଅର୍ଥାତ ଧର୍ମର ବୁଦ୍ଧି ଓ ଜ୍ଞାନ ଦେବେ । ଏଥିରେ ହଜରତ ଉମର ର:ଅ ହଜରତ ମୁଆଜ୍ ର:ଅ, ହଜରତ ଉବାଦାଃ ର:ଅ ଏବଂ ହଜରତ ଅବୁ ଦର୍‌ଦାଆଙ୍କୁ ପଠାଇଲେ । ହଜରତ ଉବାଦାଃ ର:ଅ ପାଲେଷ୍ଟାଇନ୍‌ରେ ରହିଲେ । ଯୁନାଦାଃଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁଁ ଯେବେ ହଜରତ ଉବାଦାଃ ର:ଅ ନିକଟରେ ଉପସ୍ଥଇତ ହେଲି, ମୁଁ ତାଙ୍କୁ ଏପରି ଅବସ୍ଥାରେ ପାଇଲି ଯେ ତାଙ୍କର ଅଲ୍ଲାଃଙ୍କ ଧର୍ମ ସମ୍ବନ୍ଧରେ ଖୁବ୍ ଜ୍ଞାନ ଥିଲା ଅର୍ଥାତ ବହୁତ ଜ୍ଞାନୀ ବ୍ୟକ୍ତି ଥିଲେ ।

*(ଅଲ୍‌ଅସାବାଃ ........ ଖଣ୍ଡ-୩, ପୃ-୫୦୭...... ବେରୁତ ୨୦୦୫)*

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

ଯେତେବେଳେ ମୁସଲମାନମାନେ ସିରିଆ ଦେଶକୁ ବିଜୟ କଲେ ସେତେବେଳେ ହଜରତ ଉମର ର:ଅ, ହଜରତ ଉବାଦାଃ ର:ଅ ଏବଂ ତାଙ୍କ ସହିତ ହଜରତ ମୁଆଜ୍ ବିନ୍ ଯବଲ୍ ର:ଅ ଓ ହଜରତ ଅବୁ ଦର୍‌ଦାଆ ର:ଅଙ୍କୁ ସିରିଆ ପ୍ରେରଣ କଲେ ଯଦ୍ୱାରା ସେଠିକାର ଲୋକମାନଙ୍କୁ କୋରାନ୍‌ର ଶିକ୍ଷା ଦେବେ ଓ ସେମାନଙ୍କୁ ଦୀନ୍ ଶିଖାଇବେ । ହଜରତ ଉବାଦାଃ ର:ଅ ହିମ୍‌ସ୍‌ଠାରେ ରହିଲେ ଏବଂ ହଜରତ ଅବୁ ଦର୍‌ଦାଆ ର:ଅ ଦମଶ୍‌କଠାରେ ରହିଲେ ଓ ହଜରତ ମୁଆଜ୍ ର:ଅ ପାଲେଷ୍ଟାଇନ୍ ଚାଲିଗଲେ ପୁଣି କିଛି ଦିନପରେ ହଜରତ ଉବାଦାଃ ର:ଅ ମଧ୍ୟ ପାଲେଷ୍ଟାଇନ୍ ଚାଲିଗଲେ । ସେଠାରେ ଅମୀର୍ ମାଓ୍ୱିୟା ଏକ ମାମଲାରେ ଅର୍ଥାତ ଧର୍ମ ସମ୍ବନ୍ଧୀୟ ମାମଲାରେ ବିରୋଧ କଲେ । ତାହାକୁ ହଜରତ ଉବାଦାଃ ର:ଅ ପସନ୍ଦ କରୁନଥିଲେ । କୌଣସି ଏକ ଧର୍ମ କଥା ଥିଲା, ଯେଉଁଥିରେ ମତଭେଦ ଦେଖାଦେଲା । ଅମୀର ମାଓ୍ୱିୟା ତାଙ୍କ ସହିତ କଠୋର ଭାଷା ପ୍ରୟୋଗ କରିବାରେ ହଜରତ ଉବାଦାଃ ର:ଅ କହିଲେ ଯେ ମୁଁ ଆପଣଙ୍କ ସହିତ କଦାପି ଗୋଟିଏ ଭୁମିରେ ରହିବି ନାହିଁ । ତା'ପରେ ସେ ମଦିନା ଚାଲି ଆସିଲେ । ଏଥିରେ ହଜରତ ଉମର୍ ର:ଅ ତାଙ୍କୁ ଏଠାକୁ ଚାଲିଆସିବାର କାରଣ ପଚାରିଲେ । ହଜରତ ଉବାଦାଃ ର:ଅ ହଜରତ ଉମର୍ ର:ଅଙ୍କୁ ସବୁକଥା ଶୁଣାଇଲେ ଯେ କିପରି ମତଭେଦ ହେଲା ଓ ସେ ମୋ ସହିତ କଠୋର ଭାଷା ପ୍ରୟୋଗ କଲେ ଇତ୍ୟାଦି । ସେ ଯାହା ହେଉ ମତଭେଦ ସୃଷ୍ଟିବୋ ଯୋଗୁଁ ସେ ଫେରି ଆସିଥିଲେ । ଏହା ଶୁଣି ହଜରତ ଉମର ର:ଅ କହିଲେ ତୁମେ ନିଜ ଜାଗାକୁ ଫେରିଯାଅ ଓ ତୁମ ପରି ଲୋକ ନଥିବା ସ୍ଥାନକୁ ଅଲ୍ଲାଃ ଖରାପ କରିଦେବେ । ଅର୍ଥାତ ଜ୍ଞାନୀ ଲୋକ ଧର୍ମଜ୍ଞାନ ରଖିଥିବା ଆଁ ହଜରତ ସ:ଆ:ସଙ୍କ ପୁରୁଣା ସାହାବିମାନେ ନିଶ୍ଚିତରୂପେ ସେଠାରେ ରହିବା ଉଚିତ । ଅନ୍ୟଥା ସେହି ସ୍ଥାନର ଦୁର୍ଭାଗ୍ୟ ହେବ । ସେଥି ସକାଶେ ତୁମର ଫେରିଯିବା ଜରୁରୀ ଅଟେ ଓ ଅମୀର୍ ମାଓ୍ୱିୟାଙ୍କୁ ହଜରତ ଉମର ର:ଅ ଲେଖି ପଠାଇଲେ ଯେ ତୁମକୁ ହଜରତ ମାଓ୍ୱିୟାଙ୍କ ଉପରେ କୌଣସି ଅଧିକାର ନାହିଁ । *(ଉସଦୁଲ୍ ଗାବାଃ...... ଖଣ୍ଡ-୩, ପୃ-୫୫...... ବେରୁତ ୨୦୦୩)* କିଛି କଥା ବା କିଛି ସମସ୍ୟା ସମ୍ବନ୍ଧରେ ଯଦି ଇଏ କହୁଛନ୍ତି, ତାଙ୍କୁ ଶୁଣ ଓ ଇଏ ଯାହା କହୁଛନ୍ତି ତାହା ଠିକ୍ କହୁଛନ୍ତି । ହଜରତ ଉବାଦାଃ ର:ଅ ଙ୍କ ସମ୍ବନ୍ଧରେ ଆହୁରି ବହୁତ କଥା ମଧ୍ୟ ରହିଛି । ତାଙ୍କ ସମ୍ବନ୍ଧରେ ଥିବା ଅନ୍ୟ ରିଓ୍ୱାୟତ ଗୁଡ଼ିକୁ ମୁଁ ଇନ୍‌ଶାଅଲ୍ଲାଃ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି କାରଣ ତାହା ବହୁତ ଲମ୍ବା । ସେଥିରେ ସମୟ ବହୁତ ଲାଗିବ ।

ଏବେ ମୁଁ ଜଣେ ମରହୁମ୍‌ଙ୍କ ସମ୍ବନ୍ଧରେ ଚର୍ଚ୍ଚା କରିବାକୁ ଚାହୁଁଛି । ଯାହାଙ୍କ ଯନାଜାଃ ମୁଁ ମଧ୍ୟ ପଢ଼ାଇବି । ଯନାଜାଃ ହାଜର୍ (ଉପସ୍ଥିତ) ଅଛି । ସେ ହେଉଛନ୍ତି ମୋକରମ୍ ତାହେର୍ ଆରିଫ୍ ସାହେବ । ବହୁତ ଧୈର୍ଯ୍ୟଶୀଳ ରୋଗରେ ପିଡ଼ିତ ହୋଇ ୨୬ ଅଗଷ୍ଟ ୨୦୧୯ ଦିନ ଶେଷ ନିଶ୍ୱାସ ତ୍ୟାଗ କଲେ । ***ଇନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।*** କ୍ୟାନସରରେ ପିଡ଼ିତ ଥିଲେ । ବହୁତ ଧୈର୍ଯ୍ୟର ସହିତ ସେ ସେହି ପୀଡ଼ାକୁ ବରଦାସ୍ତ କରିଛନ୍ତି । ସେ ପ୍ରଥମେ ଜଣେ ସରକାରୀ ଅଫିସର ଥିଲେ । ବଡ଼ ଉଚ୍ଚା ର୍ୟାଙ୍କର ଅଫିସର ଥିଲେ । ସେ ସେଠାରୁ ରିଟାଏନ୍ ହେଲେ ତା'ପରେ ମୁଁ ତାଙ୍କୁ କିଛି ବର୍ଷ ପୂର୍ବେ ଫଜ୍‌ଲେ ଉମର୍ ଫାଉଣ୍ଡେସନ୍‌ର ସଭାପତି ବନାଇଥିଲି । ଏହି ଦୃଷ୍ଟିକୋଣରୁ ସେ ଆଜିକାଲି ସଦର୍ ଫଜଲ୍ ଉମର୍ ଫାଉଣ୍ଡେସନ୍‌ର ସଭାପିତ ଥିଲେ ଓ ଧର୍ମ ସେବାକାର୍ଯ୍ୟ କରୁଥିଲେ ।

ମୋକରମ ତାହେର ଆରିଫ୍ ସାହେବ୍ ୧୩ ଫେବୃୟାରୀ ୧୯୫୨ ମସିହା ଦିନ ଜନ୍ମ ଗ୍ରହଣ କରିଥିଲେ । ମୁଳତଃ ତାଙ୍କର ଖାନଦାନ ସିଆଲ୍‌କୋଟ୍‌ରେ ଥିଲେ । ପୁଣି ଶେଷରେ ସେମାନେ ସର୍‌ଗୋଧାରେ ଆସି ବସବାସ କଲେ । ମୋକରମ୍ ତାହେର ଆରିଫ୍ ସାହେବଙ୍କ ବାପା ମୋକରମ୍ ଚୌଧୁରୀ ମୁହମ୍ମଦ ୟାର ଆରିଫ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଥିଲେ । ଯାହାଙ୍କୁ ଇଙ୍ଗଲ୍‌ସ୍ଥାନର ମୁବଲ୍ଲିଗ୍ ରୂପେ ସେବା କରିବାର ସୌଭାଗ୍ୟ ମଧ୍ୟ ମିଳିଛି । ନାଏବ୍ ଇମାମ୍ ମସଜିଦ୍ ଫଜଲ୍ ଲଣ୍ଡନ ମଧ୍ୟ ରହିଛନ୍ତି । ତାଙ୍କ ବାପା ମୁହମ୍ମଦ୍ ୟାର୍ ଆରିଫ୍ ସାହେବ ରବ୍‌ଓ୍ୱାରେ ନାଏବ୍ ଓ୍ୱକିଲୁଲ୍ ତବଶିର୍ ତହରିକ୍ ଯଦିଦ୍ ମଧ୍ୟ ଥିଲେ । ଏହିପରି ମୌଲାନା ମୁକରମ ମୁହମ୍ମଦ୍ ୟାର ଆରିଫ୍ ସାହେବ ଯମାତ୍‌ର ବଡ଼ ମୁନାଜିତ (ଶାସ୍ତ୍ରାର୍ଥୀ) ଥିଲେ ଓ ବିଶିଷ୍ଟ ଓଲେମାମାନଙ୍କ ମଧ୍ୟରେ ଗଣା ଯାଉଥିଲେ । ୨୩ ମାର୍ଚ୍ଚ ୧୯୪୦ ମସିହାରେ ଯେଉଁ ଜଲ୍‌ସାରେ ପାକିସ୍ତାନର ପ୍ରସ୍ତାବ ମଂଜୁର ହୋଇଥିଲା ସେଥିରେ ମୌଲାନା ଅବଦୁର୍ ରହିମ୍ ନୟର୍‌ଙ୍କ ସହିତ ଯମାତ୍ ଅହେମଦୀୟାର ପ୍ରତିନିଧି ରୂପେ ମୋକରମ୍ ମୁହମ୍ମଦ୍ ୟାର୍ ଆରିଫ୍ ସାହେବ ମଧ୍ୟ ସାମିଲ ହୋଇଥିଲେ ।ଅର୍ଥାତ୍ ତାହେର୍ ଆରିଫ୍ ସାହେବ୍‌ଙ୍କ ବାପା । ଏହା ମଧ୍ୟ ତାଙ୍କୁ ଏକ ଐତିହାସିକ ସୌଭାଗ୍ୟ ମିଳିଥିଲା । ତାହେର୍ ଆରିଫ୍ ସାହେବ୍‌ଙ୍କ ମାଆଙ୍କ ନାମ ମୋହତର୍‌ମା ଇନାୟତ ସୁରୟା ବେଗମ୍ ଥିଲା । ତାଙ୍କ ଦାଦା (ଜେଜେ) ହଜରତ ଚୌଧୁରୀ ଗୁଲାମ୍ ହୁସେନ୍ ଭଟ୍ଟି ସାହେବ ର:ଅ ସୟଦନା ହଜରତ ମସିହ ମଉଦ ଆ:ସଙ୍କ ସାହାବି ଥିଲେ । ତାହେର୍ ଆରିଫ୍ ସାହେବ୍ ଜ୍ଞାନ ପିପାସୁ ବ୍ୟକ୍ତି ଥିଲେ । ଜଣେ ସାହିତ୍ୟିକ ଓ କବି ମଧ୍ୟ ଥିଲେ । ସେ ଅନେକ ପୁସ୍ତକ ରଚନା କରିଛନ୍ତି । ତାଙ୍କର ଦୁଇଟି କାବ୍ୟ ପୁସ୍ତକ ପ୍ରସିଦ୍ଧ । ଗୋଟିଏ ଉର୍ଦ୍ଦୁ ଭାଷାରେ ଓ ଅନ୍ୟଟି ପଞ୍ଜାବୀ ଭାଷାରେ । ଏତଦ୍ ବ୍ୟତିତ ତାଙ୍କର ଆଉ ଦୁଇଗୋଟି ପୁସ୍ତକ ବହୁତ ଭଲ ପୁସ୍ତକ ଅଛି । ଗୋଟିଏ ପୁସ୍ତକ ଆଁ ହଜରତ ସ:ଆ:ସଙ୍କ ସମ୍ବନ୍ଧରେ ଇଗ୍ରାଜୀ ଭାଷାରେ "ମୁହମ୍ମଦ ସ:ଆ:ସ" ଓ ଆଉ ଗୋଟିଏ ପୁସ୍ତକ ପାକିସ୍ତାନ ସମ୍ବନ୍ଧରେ "ପାକିସ୍ତାନ ମଞ୍ଜିଲ୍ ବା ମଞ୍ଜିଲ୍" ରହିଛି । ସେ ପଞ୍ଜାବ ୟୁନିଭରସିଟିରୁ ଏମ୍.ଏ ଇକୋନୋମିକ୍ସ କରିବା ପରେ ସେଠାରେ ହିଁ ଏଲ.ଏଲ୍.ବି ଡ଼ିଗ୍ରୀ ହାସଲ କଲେ । ପୁଣି ଉଚ୍ଚ ଶିକ୍ଷା ଲାଭ କରିବା ପାଇଁ ଇଂଗିଲ୍‌ସ୍ଥାନ ଗଲେ । ଲଣ୍ଡନ ସ୍କୁଲ୍ ଅଫ୍ ଇକୋନୋମିକ୍ସରୁ ଏଲ୍.ଏଲ୍.ଏମ୍ ଡ଼ିଗ୍ରୀ ହାସଲ କଲେ । ଏବଂ ଅଲ୍ଲାଃଙ୍କ ଦୟାବଳରୁ ଲଣ୍ଡନ ୟୁନିଭରସିଟିରୁ ମାର୍କ ଅଫ୍ ମେରିଟ୍‌ର ସମ୍ମାନ ଗ୍ରହଣ ମଧ୍ୟ କରିଛନ୍ତି । ଲଣ୍ଡନରୁ ଶିକ୍ଷା ଗ୍ରହଣ କରିବାପରେ ପାକିସ୍ତାନ ଚାଲି ଆସିଲେ ଓ ଏଠାରେ ସି.ଏସ୍.ଏସ୍ ପରୀକ୍ଷାରେ ଉତୀର୍ଣ୍ଣ ହେଲେ । ସିଭିଲ୍ ସର୍ଭିସ୍ ପାକିସ୍ତାନ ସହିତ ଜଡ଼ିତ ହେଲେ । ଉନ୍ନତି କରି ସେ ଇନ୍‌ସପେକ୍ଟର ଜେନେରାଲ୍ ଅଫ୍ ପୋଲିସ ପଦବୀ ପର୍ଯ୍ୟନ୍ତ ପହଂଚିଲେ । ଆମ ବିରୋଧରେ କାନୁନ ଲାଗୁ ହେବା ପରେ ପାକିସ୍ତାନରେ ଯେଉଁ ପରିସ୍ଥିତି ଉପୁଜିଥିଲା ଏପରି ଅବସ୍ଥାରେ ଏତେ ବଡ଼ ପୋଜିଶନ୍ / ପଦବୀରେ ପହଂଚିବା ନିଶ୍ଚିତ ରୂପେ ତାଙ୍କର ଅସାଧାରଣ କାର୍ଯ୍ୟ ଦକ୍ଷତାର ପ୍ରମାଣ ଦେଉଛି ।

ପାକିସ୍ତାନ ପୋଲିସ୍ ବ୍ୟତିତ ଏଫ୍.ଆଇ.ଏ ଏବଂ ଇମିଗ୍ରେସନ୍ ଇଟେଂଲିଜେନ୍‌ସି ବ୍ୟୁରୋରେ ମଧ୍ୟ କାର୍ଯ୍ୟରତ ଥିଲେ । ଯେବେ ସେ ଶିକ୍ଷା ଗ୍ରହଣ କରିବା ସମୟରେ ଇଂଲଣ୍ଡରେ ଥିଲେ ହଜରତ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃଙ୍କ ଆଦେଶରେ ଚୌଧୁରୀ ରଶିଦ୍ ସାହେବ୍ ପିଲାମାନଙ୍କ ପାଇଁ ଇଂରାଜୀ ଭାଷାରେ ଯେଉଁ ପୁସ୍ତକ ରଚନା କରିଛନ୍ତି, ତାହାକୁ ଲେଖିବାର ମଧ୍ୟ ତାଙ୍କୁ ସାହାଯ୍ୟ କରିବାର ସୌଭାଗ୍ୟ ପାଇଛନ୍ତି । ଏ କାର୍ଯ୍ୟ ସମ୍ପାଦନ କରିବାରେ ସେ ବହୁତ ସେବା କରିଛନ୍ତି ।

ଅଲ୍ଲାଙ୍କ କୃପାରୁ ହଜରତ ମସିହ ମଉଦ ଆ:ସଙ୍କ ପୁସ୍ତକ ଅଧ୍ୟୟନ କରିବାରେ ବହୁତ ସଉକ ରଖିଥିଲେ । କୌଣସି ନା କୌଣସି ପୁସ୍ତକ ଅଧ୍ୟୟନ ଅନ୍ତର୍ଗତ ରହୁଥିଲେ । ପୁଣି କେବଳ ଅଧ୍ୟୟନ କରୁନଥିଲେ ବରଂ ନିୟମିତ ସେ ସବୁର ନୋଟିସ୍ ବାହାର କରୁଥିଲେ । ପୁଣି ନିଜ ସାଙ୍ଗସାଥିମାନଙ୍କ ସହିତ ସେହି ସବୁ ବିଷୟବସ୍ତୁ ଉପରେ ଭାବର ଆଦାନ ପ୍ରଦାନ କରୁଥିଲେ । ନିୟମିତ ପବିତ୍ର କୋରାନ୍ ପାଠ କରନ୍ତି, ତା ଉପରେ ଚିନ୍ତା କରନ୍ତି । ତାଙ୍‌କ ନିଜ ସମ୍ପର୍କୀୟମାନଙ୍କ ମଧ୍ୟରୁ କେହି ଏକଥା ତ ଲେଖି ନାହାନ୍ତି କିନ୍ତୁ ମୁଁ ଜାଣିଛି. ଥରେ କଥା କଥାରେ ଜଣା ପଡ଼ିଲା ଯେ ସେ ତହଜ୍ଜୁଦ୍ ନାମଜ ପାଠ କରିବା ପାଇଁ ନିୟମିତ ଉଠୁଥିଲେ ଓ ତହଜ୍ଜୁଦ୍ ପାଠ କରୁଥିଲେ । ଚାକିରି କରିବା ସମୟରେ ପାକିସ୍ତାନରେ ଯେଉଁଠି ମଧ୍ୟ ମୁତୟନ ରହିଛନ୍ତି, ସର୍ବଦା ଯମାତି ସେବା କରିବା ପାଇଁ ହାଜିର୍ ହୋଇଛନ୍ତି । ବହୁତ ନିର୍ଭୟ ବ୍ୟକ୍ତି ଥିଲେ । ଖୁଦାଙ୍କ କୃପାରୁ ତାଙ୍କର ଅଧ୍ୟୟନ ବହୁତ ଗଭୀର ଥିଲା । ବୁଦ୍ଧିମତା ବହୁତ ଥିଲା । ସେଥି ସକାଶେ ଧାର୍ମିକ ଓ ସାଂସାରିକ ଜ୍ଞାନ ଆହାରଣ ଉଚ୍ଚ କୋଟିର ଥିଲା । ଜ୍ଞାନ ବହୁତ ଥିଲା ତେଣୁ ଏ ଦୃଷ୍ଟିକୋଣରୁ ସେ ତାଙ୍କର ଏହି ଜ୍ଞାନକୁ ବ୍ୟବହାର ମଧ୍ୟ କରୁଥିଲେ କିଛି ମାମଲାରେ ଯମାତି ରାଏ ବହୁତ ଭଲ ଦେଉଥିଲେ । ଶୁଦ୍ଧ ଓ ଉଚିତ ରାୟ ପ୍ରଦାନ କାରୀ ବ୍ୟକ୍ତି ଥିଲେ । ଖିଲାଫତେ ଅହେମଦୀୟା ନିମନ୍ତେ ବହୁତ ସ୍ୱାଭିମାନ ରଖିଥିଲେ । ବହୁତ ନିଷ୍ଠାବନ୍ ଓ ନିଡ଼ର ଅହେମଦୀ ଥିଲେ । ସାରା ଜୀବନ ଏ ଚେଷ୍ଟାରେ ରହିଛନ୍ତି ଯେ କିପରି ଖିଲାଫତେ ଅହେମଦୀୟାର ସୁଲ୍‌ତାନ ନସିର (ବଡ଼ ସହଯୋଗୀ) ହୋଇ ରହିବେ । ଓ ନିଷ୍ଠାବାନ ସେବକ ହୋଇ ଜୀବନ ବିତାଇବେ । ଅଲ୍ଲାଃଙ୍କ ଫଜଲ୍‌ରୁ ମୁଁ ଦେଖିଛି ଯେ ଏହି ଚେଷ୍ଟାରେ ଅଲ୍ଲାଃ ତାଲା ତାଙ୍କୁ ସଫଳ କରିଛନ୍ତି । ମୋର ସେ କ୍ଲାସ୍‌ଫେଲୋ ଥିଲେ । ପିଲାଦିନୁ ନେଇ କଲେଜ୍ ସମୟ ପର୍ଯ୍ୟନ୍ତ ମୁଁ ତାଙ୍କୁ ଜାଣିଥିଲି । ସେବେଠାରୁ ତାଙ୍କୁ ଜ୍ଞାନ ହାସଲ କରିବା ପାଇଁ ବହୁତ ଆଗ୍ରହ ଥିଲା । ଭଲ ଡ଼ିବେଟର ମଧ୍ୟ ଥିଲେ । କଲେଜ୍‌ର ଡ଼ିବେଟ୍‌ରେ ଭାଗ ନେଉଥିଲେ । ଭଲ ବ୍ୟକ୍ତା ଥିଲେ । ସେ ସମୟରେ ତାଙ୍କର ଧର୍ମଜ୍ଞାନ ମୁଁ ଦେଖିଛି, ବହୁତ ଭଲ ଥିଲା । ଏକଥା ମଧ୍ୟ କହିବା ଯୋଗ୍ୟ ଯେ ସେ ଜମାତ୍‌ର ଖୁଦ୍ଦାମ୍, ଓ୍ୱାକିଫେ ଜିନ୍ଦେଗୀମାନଙ୍କ ପାଇଁ ବିଶେଷ ସମ୍ମାନ ଓ ପ୍ରେମର ମନୋଭାବ ରଖିଥିଲେ । ଏତତ୍ ବ୍ୟତିତ ଅହେମଦୀମାନଙ୍କର ଉଚିତ ସାହାଯ୍ୟ କରିବା ପାଇଁ ସବୁ ସମୟରେ ପ୍ରସ୍ତୁତ ଥିଲେ । ବହୁତ ବଡ଼ ଭଲ ପଦବୀରେ ଥିଲେ । ଏହି ଦୃଷ୍ଟିକୋଣରୁ ଅହେମଦୀ ମାନଙ୍କର ଉଚିତ ସାହାଯ୍ୟ ଯଥା ସମ୍ଭବ କରିବା ପାଇଁ ଚେଷ୍ଟା କରିଛନ୍ତି ।

ଫଜ୍‌ଲେ ଉମର୍ ଫାଉଣ୍ଡେସନ୍‌ରେ ତାଙ୍କର ସେବା କାର୍ଯ୍ୟ ୨୦୧୪ ମସିହାରୁ ଆରମ୍ଭ ହେଲା । ସେ ସମସୟରେ ମୁଁ ତାଙ୍କୁ ଡ଼ାଇରେକ୍ଟର ଅଫ୍ ଫଜ୍‌ଲେ ଉମର୍ ଫାଉଣ୍ଡେସନ୍ ରୂପେ ମୁତୟନ କରିଥିଲି. ପୁଣି ୨୦୧୭ରେ ଚୌଧୁରୀ ହମିଦ୍ ନସିରୁଲ୍ଲାଃ ଖାନ୍‌ଙ୍କ ଦେହାନ୍ତ ପରେ, ଯିଏ ସେ ସମୟରେ ସଦର ଫଜ୍‌ଲେ ଉମର୍ ଫାଉଣ୍ଡେସନ୍ ଥିଲେ, ମୁଁ ତାଙ୍କୁ ଅର୍ଥାତ (ମୋକରମ୍ ତାହେରା ଆରିଫ୍ ସାହେବଙ୍କୁ) ସଦର ଫଜଲେ ଉମର୍ ଫାଉଣ୍ଡେସନ ରୂପେ ମୁତୟନ କଲି । ସେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏହି ପଦବୀରେ ଅଧିଷ୍ଠିତ ଥିଲେ । ଏଠି ଇଙ୍ଗଲିସ୍ତାନ ଆସିବା ପର୍ଯ୍ୟନ୍ତ ତିନି ଚାରିମାସ ପୂର୍ବେ ପର୍ଯ୍ୟନ୍ତ ସେ ବହୁତ ପରିଶ୍ରମ କରି ଫଜ୍‌ଲେ ଉମର୍ ଫାଉଣ୍ଡେସନ୍‌ର କାର୍ଯ୍ୟ ସମ୍ପାଦନ କରିଛନ୍ତି । ସବୁ ପ୍ରୋଗ୍ରାମରେ ନିୟମିତ ଯୋଗ ଦିଅନ୍ତି ବହୁତ ଆଗ୍ରହ ଦେଖାନ୍ତି । ତାଙ୍କ ସମୟରେ କାମ ଗୁଡ଼ିକ ବହୁତ ପ୍ରସାରଣ ହୋଇଛି । ତାଙ୍କ ଅନ୍ତେ ତାଙ୍କର ସ୍ତ୍ରୀ ଅନିସା ତାହେର୍ ସାହିବା ଅଛନ୍ତି ଏବଂ ପୁତ୍ର ଇସ୍‌ଫନ୍ଦ୍ ୟାର ଆରିଫ୍ ଏବଂ ତିନିଜଣ ଝିଅ ତୈୟବା ଆରିଫ୍, ଅଜିଜା ଅଓ୍ୱଜ୍ ଏବଂ ବିନା ତାହେର୍ ଆରିଫ୍ ଅଛନ୍ତି । ଦୁଇଜଣ ଝିଅ ବିବହା କରି ସାରିଛନ୍ତି, ଜଣେ ପୁଅ ଓ ଜଣେ ଝିଅ ଏ ପର୍ଯ୍ୟନ୍ତ ବିବାହ କରିନାହାନ୍ତି । ତାଙ୍କର ଝିଅ ତୈୟବା ଆରିଫ୍ ତାହିର୍ ସାହିବା ଲେଖୁଛନ୍ତି ଯେ ଆମ ବାପା ମୋ ହତ୍‌ରମ୍ ତାହେର୍ ଆରିଫ୍ ସାହେବ ମର୍‌ହୁମ୍‌ଙ୍କୁ ଅଲ୍ଲାଃ ତାଲା ଅପାର ସାଂସାରିକ ଉନ୍ନତି ପ୍ରଦାନକ କରିଥିଲେ କିନ୍ତୁ ସେ ସର୍ବଦା ଅହେମଦୀୟତ୍‌ର ବିଶେଷତାକୁ ବହୁତ ସାହାସ ଓ ସ୍ୱାଭିମାନ ସହିତ କାଏମ୍ ରଖିଛନ୍ତି । ଅତ୍ୟନ୍ତ ସଚ୍ଚୋଟ ଓ ଭରୋଷା ଯୋଗ୍ୟ ଅଫିସର ଥିଲେ । ଧର୍ମକୁ ଅଗ୍ରାଧିକାର ଦେବାବାଲା, ଅଲ୍ଲାଃଙ୍କ ଉପରେ ଭରଷା ରଖିବା ବାଲା ଜଣେ ବିନମ୍ର ବ୍ୟକ୍ତି ଥିଲେ । କବି, ସାହିତ୍ୟିକ ଥିଲେ, ଉଚ୍ଚ କୋଟିର ବ୍ୟବସ୍ଥାପକ ଥିଲେ, ଶିକ୍ଷକ ଥିଲେ, ଧର୍ମଜ୍ଞାନରେ ପରିପୂର୍ଣ୍ଣ ଥିଲେ ଜଣେ ଦାୟିତ୍ୱବାନ ସ୍ୱାମୀ ଥିଲେ, ଅତ୍ୟନ୍ତ ସ୍ନେହି ବାପା ଥିଲେ ଓ ସବୁଠାରୁ ବଳି ଆପଣ ଖୁଦା ଓ ତାହାଙ୍କ ରସୁଲ (ସ:ଆ:ସ)ଙ୍କ ପ୍ରେମରେ ବୁଡ଼ି ରହିଥିଲେ । ସେ ପୁଣି କହୁଛନ୍ତି ଯେ ଆମ ମାଆ କହୁଛନ୍ତି ଯେ ସେ ଆମ ବାପାଙ୍କୁ ସର୍ବଦା ନ୍ୟାୟବନ୍ଦ ଓ ବିନମ୍ର ବ୍ୟକ୍ତି ରୂପେ ପାଇଛନ୍ତି । ବିନା କୌଣସି ଭେଦଭାବ ଛୋଟ, ବଡ଼, ଧନୀ ଗରୀବ ସମସ୍ତଙ୍କ ସହିତ ସଦ୍‌ବ୍ୟବହାର କରୁଥିଲେ । ହଜୁର କହୁଛନ୍ତି: କେତେକ ରିସ୍ତାଦାର (ନିକଟ ସମ୍ପର୍କୀୟ) ଭାବ ବିହୋଳ ହୋଇ ନିଜର ନିଜ ସମ୍ପର୍କ ଯୋଗୁଁ କିଛି (ବଢ଼ାଇଚଢ଼ାଇ) ଲେଖି ଦେଇଥାନ୍ତି କିନ୍ତୁ ତାଙ୍କ ସମ୍ବନ୍ଧରେ ଯାହା କିଛି ଲେଖାଯାଇଛି ସବୁ କିଛି ସତ୍ୟ ଉପରେ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୋର ହାର୍ଦ୍ଦିକ ପ୍ରାର୍ଥନା ଏହା କି ସ୍ଥାନୀୟ, ଇଲାକାଇ, ଦେଶୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସବୁ ଧର୍ମର ଲୋକମାନେ ଏ ପୃଥିବୀରେ ଶାନ୍ତିର ବାର୍ତା ପ୍ରଚାର ପ୍ରସାର କରିବା ପାଇଁ ଏକାଠି ହୋଇଯାଆନ୍ତୁ । ମୋ ହୃଦୟର ଗଭୀରତମ ପ୍ରଦେଶରୁ ଏ ଦୁଆ ବାହାରୁଛି ଯେ ଯେବେ ଆମେ ଏ ସଂସାରକୁ ଛାଡିଯିବା ସେତେବେଳେ ଆମର ପିଲାମାନେ ଓ ଆମର ଆସନ୍ତା ପିଢ଼ୀ ଆମକୁ ପ୍ରେମ ଓ ସ୍ନେହ ସହିତ ମନେକରିବେ । ସେମାନେ ଏକଥା କହୁଥିବେ ଯେ ଆମ ପୂର୍ବପୁରୁଷ ମାନବଜାତି ମଧ୍ୟରେ ପ୍ରେମ, ଶାନ୍ତି ଏବଂ ଭାଇଚାରାକୁ ପ୍ରସାର କରିବାରେ ଓ ନିଜ ଅନ୍ତେ ଏକ ଶାନ୍ତିପୂର୍ଣ୍ଣ ଉଜ୍ଜ୍ୱଳମୟ ସଂସାରକୁ ଛାଡିବାରେ କୌଣସି ତୃଟି ରଖିନାହାଁନ୍ତି । ଏହାର ବିପରୀତ ଆପଣମାନେ ନିଶ୍ଚିତ ରୂପେ ଏହା ସ୍ୱୀକାର କରିପାରିବେ ନାହିଁ ଯେ ଆମ ପିଲାମାନେ ଆମକୁ ଘୃଣାର ସହିତ ମନେପକାନ୍ତୁ ଯେ ଆମେ ଯୁଦ୍ଧ ଏବଂ ରକ୍ତପାତକୁ ପ୍ରଚାର ପ୍ରସାର କରୁଥିଲେ ଓ ସେମାନଙ୍କ ଭବିଷ୍ୟତକୁ ଧ୍ୱଂସ କରିଦେଉଥିଲେ ଓ ଆମେ ତାଙ୍କ ପାଇଁ କେବଳ ଯୁଦ୍ଧ ଓ ଧ୍ୱଂସର ପ୍ରଭାବକୁ ହିଁ ଛାଡିଯାଇଛୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତେଣୁ ଆସନ୍ତା ପିଢ଼ୀକୁ ସୁରକ୍ଷା ଦେବାପାଇଁ ଏହ ଜରୁରୀ ଅଟେ ଯେ ଆମେ ନିଜର ବିଭେଦକୁ ଅଣଦେଖା କରି ଜଣେ ଅନ୍ୟଜଣଙ୍କର ଅଧିକାରକୁ ପ୍ରଦାନ କରିବା ଓ ମାନବ ଜାତିର ସେବା କରିବା ପ୍ରତି ଧ୍ୟାନ ଦେବା ଉଚିତ୍ । ଏହା ଆମର ଦାୟିତ୍ୱ ଅଟେ ବରଂ ଆମର କର୍ତବ୍ୟ ଅଟେ ଯେ ଆମେ ଆମ ପଛରେ ପର ପିଢ଼ୀଙ୍କ ପାଇଁ ଖୁସି ଓ ଶାନ୍ତିପୂର୍ଣ୍ଣ ଦୁନିଆକୁ ଛାଡିଯିବା । ଏହାକୁ ହାସଲ କରିବା ପାଇଁ ଜରୁରୀ ଅଟେ ଯେ ଆମେ ନିଜର ସମସ୍ତ ଶକ୍ତିକୁ ଶାନ୍ତିପ୍ରତିଷ୍ଠା ପାଇଁ ବିନିଯୋଗ କରିବା । ଇସ୍‌ଲାମ୍‌ର ମୂଳ ଶିକ୍ଷା ହେଉଛି ଏହା କି ସମସ୍ତ ଧର୍ମ ଓ ସେମାନଙ୍କ ଆଧାତ୍ମିକ ମାର୍ଗଦର୍ଶକଙ୍କୁ ସମ୍ମାନିତ ଚକ୍ଷୁରେ ଦେଖାଯାଉ । ଯେପରିକି ମୁଁ ପ୍ରାରମ୍ଭରେ ଏକଥା କହିଥିଲି ଯେ ସମସ୍ତ ଅବତାରମାନଙ୍କ ଉପରେ ଆମେ ବିଶ୍ୱାସ ଆଣୁଛୁ । ସେଥିପାଇଁ ଜଣେ ପ୍ରକୃତ ମୁସଲ୍‌ମାନ ନିମନ୍ତେ ଏହା ସମ୍ଭବ ନୁହେଁ କି ସେ ଉକ୍ତ ଅବତାର ବା ସେମାନଙ୍କ ଶିକ୍ଷା ବିରୋଧରେ କଥା କରୁ । ସୁତରାଂ ଏକଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଲୋକମାନଙ୍କ ଜାତି, ବର୍ଣ୍ଣ, ସ୍ଥାନ ଓ ପଦମର୍ଯ୍ୟାଦାରୁ ଉର୍ଦ୍ଧ୍ୱରେ ରହି ଆମେ ଜଣେ ଅନ୍ୟଜଣଙ୍କ ଧର୍ମ ଓ ଆସ୍ଥାର ସମ୍ମାନ କରିବା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏତିକି କଥା କହି ମୁଁ ଏ ଆଶା କରୁଛି ଓ ପ୍ରାର୍ଥନା କରୁଛି ଯେ ଅଲ୍ଲାଃତାଲା ଆମକୁ ଉକ୍ତ ବିବାଦ ଗୁଡିକୁ ଶେଷ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ, ଯାହା ସବୁ ଏ ସଂସାରକୁ ବର୍ତମାନ ଘେରି ରଖିଛି ଏବଂ ପ୍ରତ୍ୟେକ ପ୍ରକାରର ଅନ୍ୟାୟ ଓ ଅସହିଷ୍ଣୁତାକୁ ଶେଷ କରିବା ପାଇଁ ନିଜର ଦାୟିତ୍ୱକୁ ନିର୍ବାହ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୋର ଏ ପ୍ରାର୍ଥନା ଯେ ଆମେ ଆମ ଅନ୍ତେ ଘୃଣା ଓ ଅତ୍ୟାଚାରରେ ପରିପୂର୍ଣ୍ଣ ସଂସାର ପରିବର୍ତେ ଏପରି ଏକ ସଂସାର ଛାଡି ଯିବା ଯାହା ପ୍ରେମ ଓ ସ୍ନେହରେ ପରିପୂର୍ଣ୍ଣ ଥିବ । ନିଜର ହିତ ହାସଲ କରିବାରେ ଲାଗି ରହିବା ପରିବର୍ତେ ଲୋକମାନେ ମାନବ ଜାତିର ସେବାର ମହତ୍ୱକୁ ଚିହ୍ନନ୍ତୁ ଓ ଶେଷରେ ଏ ଦୁଆ କରୁଛି ଯେ ଅଲ୍ଲାଃ କରନ୍ତୁ କି ଏ ମସ୍‌ଜିଦ୍ ଏ ସମାଜ ପାଇଁ ଉଜ୍ଜ୍ୱଳ ଦୀପ ହେଉ । ଏକତା ଓ ନୂଆ ଆଶା ସୃଷ୍ଟି କରିବାର ମାଧ୍ୟମ ହେଉ । ଆପଣ ସମସ୍ତଙ୍କୁ ପୁଣି ଧନ୍ୟବାଦ ଜଣାଉଛି । ଅଲ୍ଲାଃତାଲା ଆପଣ ସମସ୍ତଙ୍କ ଉପରେ କୃପା କରନ୍ତୁ । ଆମିନ୍ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ (ନୀରବ ପ୍ରାର୍ଥନା) କରାଇଲେ । ସେଥିରେ ଅତିଥିମାନେ ନିଜ ନିଜ ଶୈଳୀରେ ସାମିଲ୍ ହେଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ବକ୍ତବ୍ୟର ଶେଷରେ ଅତିଥିମାନେ ବହୁତ ସମୟ ପର୍ଯ୍ୟନ୍ତ ତାଳି ବଜାଇ ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣକୁ ପ୍ରଶଂସା କରିବାର ପ୍ରକାଶ କଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କେତେକ ଅତିଥିମାନଙ୍କୁ ଉପହାର ପ୍ରଦାନ କଲେ । ଏହାପରେ ଡିନର୍‌ର ପ୍ରୋଗ୍ରାମ୍ ଅନୁଷ୍ଠିତ ହେଲା । ଖାଇବା ପରେ ଅତିଥିମାନେ ଜଣଜଣ ହୋଇ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସୁଥିଲେ । ହଜୁର୍ ଅନୁଓ୍ୱର୍ ଅତିଥିମାନଙ୍କ ସହିତ କଥା ହେଉଥିଲେ ଓ ଅତିଥିମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଉଥିଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଠିକ୍ ୭:୪୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ମସ୍‌ରୁର୍‌ରେ ପଦାର୍ପଣ କରି ମଗ୍‌ରିବ୍ ଓ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ପ୍ରେଗ୍ରାମ୍ ମୁତାବକ ଏଠାରୁ ମସ୍‌ଜିଦ୍ ବଇତୁର୍ ରହ୍‌ମାନ୍ ଓ୍ୱାଶିଂଟନ୍ ନିମନ୍ତେ ଯାତ୍ରା କରିବାର ଥିଲା । ତେଣୁ ଜମାତ୍‌ର ପୁରୁଷ, ମହିଳା, ବହୁତ ସଂଖ୍ୟାରେ ହଜୁର୍ ଅନୁଓ୍ୱର୍‌ଙ୍କୁ ବିଦାୟ ଦେବାପାଇଁ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଉପସ୍ଥିତ ଥିଲେ । ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍‌ରୁ ବାହାରକୁ ବାହାରି କିଛି ସମୟ ଲୋକମାନଙ୍କ ଗହଣରେ ରହିଲେ । ସବୁ ଲୋକମାନେ ନିଜ ପ୍ରିୟ ଆକାଙ୍କୁ ଦର୍ଶନ କରୁଥିଲେ । ପାଦେପାଦେ ପୁଅ ଝିଅମାନେ ଓ ମହିଳାମାନେ ହଜୁର୍ ଅନୁଓ୍ୱର୍‌ଙ୍କ ଫଟୋ ଉଠାଉଥିଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ଓ ଦୁଆ କରାଇଲେ ଏବଂ ଠିକ୍ ୮:୨୫ରେ ଏଠାରୁ ଯାତ୍ରା ଆରମ୍ଭ କଲେ । ଉଣା ଅଧିକେ ୧ ଘଂଟା ୫ ମିନିଟ୍ ଯାତ୍ରା କରିବା ପରେ ଠିକ୍ ୯:୩୦ ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁର୍ ରହେମାନ୍‌ରେ ପଦାର୍ପଣ କଲେ ଏବଂ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

## ଅତିଥିମାନଙ୍କର ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତ

ଆଜିର ଏହି ଉତ୍ସବରେ ସାମିଲ୍ ହୋଇଥିବା ଅତିଥିମାନଙ୍କ ଉପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣଟି ଗଭୀର ପ୍ରଭାବ ପକାଇଛି ଏବଂ ଅତିଥିମାନେ ମଧ୍ୟ ନିଜର ମନୋଭାବକୁ ବ୍ୟକ୍ତ କରିଛନ୍ତି । କିଛି ଅତିଥିମାନଙ୍କ ମନୋଭବ ବ୍ୟକ୍ତ ନିମ୍ନରେ ଦିଆଯାଉଅଛି ।

ତାରିକ୍ ଖଲିଲ୍ ସାହେବ୍ ଯିଏ ବ୍ୟାଙ୍କ୍‌ରେ କାମ କରୁଛନ୍ତି ଓ ଗଏର୍ ଅହେମଦୀ ମୁସଲ୍‌ମାନ୍ ଅଟନ୍ତି ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ:- ଜମାତ୍ ଅହେମଦୀୟାର ସଦସ୍ୟମାନେ ବହୁତ ବୁଦ୍ଧିମାନ ଓ ତାଙ୍କର ନିଜ ଜମାତ୍ ସହିତ ଗଭୀର ସମ୍ପର୍କ ରହିଛି । ଏମାନେ ଅନ୍ୟ ମୁସଲ୍‌ମାନ ମାନଙ୍କ ପାଇଁ ଉଦାହରଣ ଅଟନ୍ତି । ମୁଁ ହେଉଛି ଜଣେ ମୁସଲ୍‌ମାନ୍ କିନ୍ତୁ ମୁଁ ଧାର୍ମିକ ନୁହେଁ । ମୁଁ ଅହେମଦୀୟା ଜମାତ୍‌ର ଅନେକ ଇଂଟର୍‌ଫେଥ୍ କନ୍‌ଫରେନ୍‌ସ୍‌ରେ ଯୋଗ ଦେଇଛି ଓ ମୁଁ ଜାଣିପାରିଛି ଯେ ଜମାତ୍ ଅହେମଦୀୟା ଏକ ଭଲ ଦୃଷ୍ଟାନ୍ତ ଉପସ୍ଥାପନ କରୁଅଛି । ଆପଣଙ୍କୁ ଏକଥାରେ ବହୁତ ଗର୍ବ କରିବା ଉଚିତ୍ ।

ସେ କହିଲେ:- ମୁଁ ଆପଣଙ୍କ ଖଲିଫାଙ୍କ ଅଭିଭାଷଣ ପ୍ରତ୍ୟେକ ଶବ୍ଦକୁ ଶୁଣିଛି ଓ ଶୈଳୀକୁ ବହୁତ ଧ୍ୟାନ ଦେଇ ଦେଖିଛି । ସେ ନିଜ ଅଭିଭାଷଣରେ ଇସ୍‌ଲାମ୍‌ର ବହୁତ ଭଲଭାବେ ପ୍ରତିରକ୍ଷା କରିଛନ୍ତି ଏବଂ ଏହା କେବଳ ଅହେମଦୀ ଲୋକମାନଙ୍କ ପାଇଁ ନୁହେଁ ବରଂ ସମସ୍ତ ମୁସଲ୍‌ମାନ୍ ମାନଙ୍କ ପାଇଁ ଏକ ଉପଦେଶ ଥିଲା ଯେ ଆମେ ଆମ ଜୀବନକୁ ଦେଖିବା ଉଚିତ୍ ।

ମୋକରମ୍ ଡାକ୍ତର୍ ଓ୍ୱାରିସ୍ ହୁସେନ୍ ସାହେବ୍ ଯିଏ ଇଂଟର୍ ନ୍ୟାସ୍‌ନାଲ୍ ଫ୍ରିଡମ୍ ୟୁ.ଏସ୍‌ରେ ପୋଲିସ୍ କମିଶନର୍ ଅଛନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:- ମୋତେ ପୂର୍ବରୁ ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣ ଶୁଣିବାର ଅବସର ମିଳିଛି । ହଜୁର୍ ସର୍ବଦା ପ୍ରେମ ଓ ଶାନ୍ତି ଆଡକୁ ନିମନ୍ତ୍ରଣ କରିଥାନ୍ତି । ଆଜିକାଲିର ଏହି ପରିବେଶ ଓ ପରିସ୍ଥିତିରେ ହଜୁର୍ ଅନୁଓ୍ୱର୍‌ଙ୍କର ଏପରି ବାର୍ତା ଅତ୍ୟନ୍ତ ଜରୁରୀ ଅଟେ । ଏହି ବାର୍ତା କେବଳ ଅହେମଦୀମାନଙ୍କ ପାଇଁ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ଉର୍ଦ୍ଦିଷ୍ଟ ଏହି ଉତ୍ସବଟି ବହୁତ ସୁନ୍ଦର ଉତ୍ସବ ଥିଲା । ଅନେକ ଲୋକେ ସ୍ୱେଚ୍ଛାସେବକ ରୂପେ ସେବା କରୁଛନ୍ତି ଓ ବହୁତ ପ୍ରେମ ଓ ସ୍ନେହର ସହିତ ଆମ ସାଙ୍ଗେ ସଦ୍‌ବ୍ୟବହାର କରୁଛନ୍ତି । ଏହା ହେଉଛି ଏପରି ଏକ ବସ୍ତୁ ଯାହା କମ୍ୟୁନିଟିକୁ ଶକ୍ତି ପ୍ରଦାନ କରିଥାଏ । ଆମେରିକାରେ ଜମାତ୍ ଅହେମଦୀୟା ମାନବ ଜାତି ପାଇଁ ବହୁତ କିଛି ସେବା କରୁଅଛି, ଫୁଡ୍ ବ୍ୟାଙ୍କ୍‌ସ୍ (ଖାଦ୍ୟ ଭଣ୍ଡାର) ଖୋଲୁଅଛି ଏବଂ ଗରିବ ମାନଙ୍କୁ ସାହାଯ୍ୟ କରୁଅଛି । ଯଦି ଏହି ପ୍ରକାରର ଲୋକେ "ଭର୍ଜିନିଆ" ସହରରେ ଉପସ୍ଥିତ ଅଛନ୍ତି ତେବେ ଏହାଠାରୁ ବଡ ଖୁସି ଆଉ କଣ ହେବ ।

ଆଉଜଣେ ବନ୍ଧୁ କୋରି ଷ୍ଟୁଆଟ୍ ଯିଏ ୟୁ.ଏସ୍ ରିପବ୍ଲିକାନ୍ ଷ୍ଟେଟ୍‌ର ପାର୍ଥୀ ଅଟନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଖଲିଫତୁଲ୍ ମସିହ୍‌ଙ୍କର ଭାଷଣ ବହୁତ ହୃଦୟସ୍ପର୍ଶୀ ଓ ବୌଦ୍ଧିକ ପୂର୍ଣ୍ଣ ଥିଲା । ଆମେରିକା ବାସୀଙ୍କୁ ଓ ସମଗ୍ର ସଂସାରକୁ ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁର ଏହି ବାର୍ତାକୁ ମଗ୍ନ ହୋଇ ଶୁଣିବା ଉଚିତ୍ ଓ ଏହା ଉପରେ ପରିଚାଳିତ ହେବା ଉଚିତ୍ । ବିଶେଷ ରୂପେ ଯେତେବେଳେ ଏ ପୃଥିବୀର ଅବସ୍ଥା ଠିକ୍ ନାହିଁ, ସେତେବେଳେ ଏହା ଅତ୍ୟନ୍ତ ଆବଶ୍ୟକ ଯେ ଧର୍ମୀୟ ସ୍ୱାଧିନତାକୁ ପ୍ରଚାର କରାଯାଉ । ତେଣୁ ଏହି ମସ୍‌ଜିଦ୍‌ଟି ଆମ ପାଇଁ ଏକ ଗର୍ବର ବିଷୟ, କାରଣ ଆପଣମାନେ ଏ ଦେଶପାଇଁ ବହୁତ କିଛି କରୁଛନ୍ତି ।

ଆଉଜଣେ ଅତିଥି ରୋବୋର୍ଟା ଔଷ୍ଟର୍ ସାହିବା ଯିଏ ଭର୍ଜିନିଆର ଡିରେକ୍ଟର୍ ଅଫ୍ କମ୍ୟୁନିକେସନ୍ ରୂପେ କାର୍ଯ୍ୟରତ, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ:- ମୁଁ ଖଲିଫାଙ୍କର କଥାଗୁଡିକ ଶୁଣି ବହୁତ ପ୍ରଭାବିତ ହେଲି । ମୋତେ ବହୁତ ଭଲ ଲାଗିଲା ଯେ ଏପରି ଜଣେ ଆଧାତ୍ମିକ ବ୍ୟକ୍ତି ଆମ ଗହଣରେ ଉପସ୍ଥିତ ଅଛନ୍ତି ଯିଏ ଆମକୁ ଏ କଥା ବତାଉଛନ୍ତି ଯେ ଆପୋଷରେ ପ୍ରେମ, ସ୍ନେହ ଏବଂ ଭାଇଚାରା ସହିତ ରହିବା ଉଚିତ୍ ।

ଆଉଜଣେ ମହିଳା ଅତିଥି ଜିନି ଲସ୍ ସାହିବା କହୁଛନ୍ତି "ମୁଁ ବହୁତ ଆନନ୍ଦିତ ଯେ ହଜୁର୍ ବାରମ୍ବାର ଧର୍ମୀୟ ସ୍ୱାଧିନତା ସମ୍ବନ୍ଦରେ କଥା ହେଉଥିଲେ । ପୃଥିବୀର ଏପରି ଅବସ୍ଥା ସମୟରେ ହଜୁର୍ ଅନୁଓ୍ୱର୍‌ଙ୍କର ଏହି ଭାଷଣ ପୃଥିବୀ ବାସୀଙ୍କ ପାଇଁ ଜରୁରୀ ଅଟେ । ଏହି ଉତ୍ସବ ମଧ୍ୟ ବହୁତ ସୁନ୍ଦର ଉତ୍ସବ ଥିଲା । ସମସ୍ତେ ପ୍ରେମପୂର୍ଣ୍ଣ ବ୍ୟବହାର କରୁଥିଲେ ।

ଆଉଜଣେ ଅତିଥି ମ୍ୟାଟ୍ ଓ୍ୱାଟରସ୍ ସାହେବ୍ ଯିଏ ଭର୍ଜିନିଆର ଷ୍ଟେଟ୍ କ୍ୟାଣ୍ଡିଡେଟ୍ ଅଛନ୍ତି, ସେ କହୁଛନ୍ତି- ମୁଁ ହଜୁର୍‌ଙ୍କ ଅଭିଭାଷଣ ଶୁଣି ବହୁତ ପ୍ରଭାବିତ ହେଲି । ମୁଁ ଏବେ ସେ ସମ୍ବନ୍ଧରେ ଆଗକୁ ବଢ଼ିବି ଓ ଇଂଟର୍‌ନେଟ୍‌ରୁ ମଧ୍ୟ ଜ୍ଞାନ ଆହରଣ କରିବି । ତତ୍ ସହିତ ମୁଁ ଆହୁରି ଅଧିକା ଇସ୍‌ଲାମୀୟ ଶିକ୍ଷାକୁ ଆହରଣ କରିବା ପାଇଁ ଆପଣଙ୍କ ମସ୍‌ଜିଦ୍‌କୁ ମଧ୍ୟ ଯାଆ ଆସ କରିବା ପାଇଁ ଚାହୁଁଛି ।

ଆଉଜଣେ ଇସାଇ ଅତିଥି ଡେରଶ୍ ଯୋନାଥନ୍ ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ:- ହଜୁର୍ ଅନୁଓ୍ୱର୍‌ଙ୍କର ଏହି ଭାଷଣ ପୃଥବୀର ବର୍ତମାନ ଯେଉଁ ପରିସ୍ଥିତି ରହିଛି ତାହାର ଅନୁରୂପ ଥିଲା ଓ ଏହାର ବହୁତ ଆବଶ୍ୟକତା ମଧ୍ୟ ଥିଲା । ଆମେ ଏଠାରେ ଶାନ୍ତିର ବାର୍ତାକୁ ଶୁଣିଲୁ । ମୁଁ ଏକଥାରେ ବହୁତ ଆଶ୍ଚର୍ଯ୍ୟ ଓ ସ୍ତମ୍ଭୀଭୂତ ଥିଲି ଯେ ହଜୁର୍ ତାଙ୍କର ନିଜ ଅଭିଭାଷଣରେ କେବଳ ଶାନ୍ତି ଓ ସୌହାର୍ଦ୍ଦ୍ୟ ସମ୍ବନ୍ଧରେ ହିଁ କଥା ହେଲେ ।

ଆଉଜଣେ ଅତିଥି ଆନ୍ ଲିଟିଲ୍ ସାହିବା କହୁଛନ୍ତି:- ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ବହୁତ ଉଚ୍ଚକୋଟୀର ଥିଲା । ଏହି ଅଭିଭଷଣକୁ ଶୁଣି ମୋ ଆଖିରେ ଅଶ୍ରୁ ଭରିଗଲା । ସାରା ପୃଥିବୀକୁ ଏହି ବାର୍ତାର ଭୀଷଣ ଆବଶ୍ୟକତା ରହିଛି ।

ଆଉଜଣେ ଅତିଥି ଅଲିସନ୍ ସାଡେଲ୍‌ଓ୍ୱେ ସାହିବା ଯିଏ ପେଶାରେ ହେଉଛନ୍ତି ଜଣେ ଶିକ୍ଷକ, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେତେବେଳେ ହଜୁର୍ ଏ ପୃଥିବୀରେ ଶାନ୍ତି ଓ ସମ୍ମାନକୁ ପ୍ରଚାର ପ୍ରସାର କରିବା ପାଇଁ କହିଲେ ମୋତେ ବହୁତ ଭଲ ଲାଗିଲା । କାରଣ ମୁଁ ମଧ୍ୟ ସ୍କୁଲ୍‌ରେ ପିଲାମାନଙ୍କୁ ଏହି କଥା ହିଁ ଶିକ୍ଷା ଦେଇଥାଏ ।

ଆଉଜଣେ ଅତିଥି ଜେରୋମି ନିକ୍‌ପାଇକ୍ ଯିଏ ଭର୍ଜିନିଆ ସହରର ସିନେଟର୍ ଅଛନ୍ତି ସେ କହୁଛନ୍ତିତ:- ମୁଁ ଆଜି ଏଠାରୁ ଗୋଟିଏ କଥା ଶିଖିବାକୁ ପାଇଲି ଓ ତାହା ହେଉଛି ଏହା କି, ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ । ଏହି ଶିକ୍ଷା ଦ୍ୱାରା ଆମେ ଉତମ ପଡୋଶୀ ସୃଷ୍ଟି କରୁଅଛେ, ବିଭିନ୍ନ ସମ୍ପ୍ରଦାୟ ତିଆରି କରୁଛେ ଏବଂ ପିଲାମାନଙ୍କୁ ସ୍କୁଲ୍‌ରେ ଶିକ୍ଷା ଦେଉଅଛେ ।

ଆଉଜଣେ ଅତିଥି ଟଡ୍ କେଗି ସାହେବ୍ ଯିଏ ଆମେରିକା ସରକାରଙ୍କ ପାଇଁ କାର୍ଯ୍ୟ କରୁଛନ୍ତି ଓ ତାଙ୍କ ପତ୍ନୀ ମଧ୍ୟ ଜଣେ ଶିକ୍ଷକ ଅଛନ୍ତି, ସେ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ତାଙ୍କ ପତ୍ନୀ ନାନ୍ସି ସାହିବା କହୁଛନ୍ତି:- ହଜୁର୍‌ଙ୍କର ବାର୍ତା ଅତ୍ୟନ୍ତ ଆବଶ୍ୟକୀୟ ବାର୍ତା ଥିଲା । ତାହା ନା କେବଳ ଏହି ସ୍ଥାନ ପାଇଁ ବରଂ ବର୍ତମାନ ସମୟର ସମଗ୍ର ପୃଥିବୀ ବାସୀଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ । ମୋତେ ଏହି ବାର୍ତାରୁ ବହୁତ ଆଶା ଓ ଶକ୍ତି ମିଳିଛି ।

ଆଉଜଣେ ଅତିଥି ଏମିଲି ରିଗଲ୍‌ମ୍ୟାନ୍ ନିଜ ଝିଅ ଜେନିଫର୍‌ଙ୍କ ସହିତ ଏହି ଉତ୍ସବରେ ସାମିଲ୍ ହୋଇଥିଲେ, ସେ କହୁଛନ୍ତି ଏ ପୃଥିବୀରେ ସବୁଠାରୁ ଅଧିକା ସମ୍ମାନର ଆବଶ୍ୟକତା ରହିଛି । ସେ କୌଣସି ମୁସଲ୍‌ମାନ୍ ହୁଅନ୍ତୁ, ୟୁହୁଦୀ ହୁଅନ୍ତୁ ଅବା ହିନ୍ଦୁ, ସମସ୍ତଙ୍କର ଏ କର୍ତବ୍ୟ ରହିଛି ଯେ ଜଣେ ଅନ୍ୟଜଣକୁ ସମ୍ମାନ ଦେଖାଉ । କିଛି ତଥାକଥିତ ମୁସଲ୍‌ମାନ ମାନଙ୍କ କାର୍ଯ୍ୟକଳାପ ଯୋଗୁ ବିଗତ କେତେବର୍ଷ ହେବ ଇସ୍‌ଲାମ୍‌ର ନାମ ଖରାପ ହୋଇଚାଲିଛି । ଜଣେ ଅହେମଦୀ ବନ୍ଧୁ ସହିତ ମୋର ଗଭୀର ସମ୍ପର୍କ ରହିଛି । ମୁଁ ଯେତେବେଳେ ତାଙ୍କ ଆଡକୁ ଓ ତାଙ୍କ ପରିବାରକୁ ଦେଖୁଅଛି ମୁଁ କେବଳ ପ୍ରେମ ଓ ସମ୍ମାନକୁ ସେଠାରେ ଅନୁଭବ କରୁଅଛି ।

ଆଉଜଣେ ଅତିଥି ଏମିଲି ଚର୍ଚ୍ଚିଲ୍ ସାହିବା ଯିଏ ଗୋଟିଏ ନ୍ୟୁଜ୍ ଫାଉଣ୍ଡେସନ୍‌ରେ କାର୍ଯ୍ୟ କରୁଛନ୍ତି, ସେ କହୁଛନ୍ତି ଏହି ଉତ୍ସବରୁ ମୁଁ ପ୍ରେମ ଓ ସହନଶୀଳତା ସମ୍ବନ୍ଧରେ ବହୁତ କିଛି ଶିଖିବାକୁ ପାଇଲି ଓ ବର୍ତମାନ ସମୟରେ ତାହା ଏହି ଦେଶ ପାଇଁ ବହୁତ ଜରୁରୀ ବାର୍ତା ଅଟେ । ମୋତେ ବହୁତ ଖୁସି ଲାଗୁଛି ଯେ ଏହି ଇଲାକାରେ ଏ ସମ୍ବନ୍ଧରେ ଏବେ ଉନ୍ନତି ପରିଲକ୍ଷିତ ହେଉଅଛି ।

ଆଉଜଣେ ମହିଳା ଅତିଥି ଲରେନ୍ ଏକାର୍ଡ୍ ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:- ମୁଁ ୩୦ବର୍ଷ ହେବ ଏ ଇଲାକାରେ ରହି ଆସୁଛି ଓ ଏଠିକାର ପରିସ୍ଥିତିକୁ ପରିବର୍ତନ ହେବାର ଦେଖି ଆସୁଅଛି । ଏବେ କିଛି ଦିନ ତଳେ ଯେଉଁ ଫାୟାରିଙ୍ଗ୍ ହୋଇଥିଲା ତାହା ବହୁତ ଦୁଃଖଦପୂର୍ଣ୍ଣ ଘଟଣା ଥିଲା । ଏପରି ଅବସରରେ ଜଣେ ମହାନ୍ ବ୍ୟକ୍ତିଙ୍କ ତରଫରୁ ପ୍ରେମ, ସ୍ନେହ ଏବଂ ସହିଷ୍ଣୁତାର ବାର୍ତା ମିଳିବା ଅତ୍ୟନ୍ତ ସୁନ୍ଦର କଥା । ମୁଁ ବହୁତ ଆନନ୍ଦିତ ଯେ ମୋତେ ମଧ୍ୟ ଏଠାକୁ ନିମନ୍ତ୍ରଣ କରାଗଲା । ମୁଁ ଏଠାକୁ ଆସି ଅହେମଦୀୟା ମୁସ୍‌ଲିମ୍ ଜମାତ୍ ସମ୍ବନ୍ଧରେ ବହୁତ କିଛି ଜାଣିବା ପାଇଁ ଅବସର ପାଇଛି । ଏହି ମସ୍‌ଜିଦ୍‌ଟି ଏ ଇଲାକାର ସୌନ୍ଦର୍ଯ୍ୟକୁ ଆହୁରି ଅଧିକା ବଢ଼ାଇ ଦେଇଛି । ଏଥିରୁ ମୋତେ କୌଣସି ବିପଦ ନାହିଁ । ଏହା ଶାନ୍ତିପୂର୍ଣ୍ଣ ସ୍ଥାନ ଅଟେ । ମୁଁ ମୁସଲ୍‌ମାନ୍ ନୁହେଁ କିନ୍ତୁ ମୁଁ ଏ ମସ୍‌ଜିଦ୍‌କୁ ଆସିଛି । ଏଠାରେ ମୋତେ ସ୍ୱାଗତ କରାଗଲା । ଏହା ହିଁ ଆମ ସମାଜ ପାଇଁ ଆବଶ୍ୟକ । ମୁଁ ଏକଥା କହିବାକୁ ଚାହୁଁଛି ଯେ ଏବେ ଆପଣଙ୍କର ଏଠାରେ ଆହୁରି ଅଧିକ ପ୍ରୋଗ୍ରାମ୍ ଅନୁଷ୍ଠିତ ହେବ । ସେହି ପ୍ରୋଗ୍ରାମ୍ ଗୁଡିକରେ ମଧ୍ୟ ମୁସଲ୍‌ମାନ୍‌ଙ୍କ ବ୍ୟତୀତ ଅନ୍ୟ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ ଦିଅନ୍ତୁ ।

ଜଣେ ୟୁହୁଦୀ ଓ ଜଣେ ଇସାଇ ମହିଳା ଜେନେ ପିକର୍ଣ୍ଣ ଏବଂ ଜୁଡି ଲରେନ୍ସ୍ ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:- ଏହା ଏକ ସୁନ୍ଦର ପ୍ରୋଗ୍ରାମ୍ ଥିଲା । ଏଥିରେ ପ୍ରେମ ହିଁ ପ୍ରେମ ପରିପ୍ରକାଶ ହେଉଥିଲା । ଖଲିଫତୁଲ୍ ମସିହ୍ ଦଶଥରରୁ ଅଧିକାଥର "ପ୍ରେମ" ଶବ୍ଦଟିକୁ ବ୍ୟବହାର କଲେ । ଏହା ସବୁଠାରୁ ସୁନ୍ଦର ବାର୍ତା ଥିଲା । ମୋତେ ଗୋଟିଏ ଲିଫ୍‌ଲେଟ୍ ମଧ୍ୟ ଦିଆଯାଇଥିଲା । ମୁଁ ତାକୁ ମଧ୍ୟ ପଢ଼ି ସାରିଛି । ମୁଁ ଯାହା କିଛି ଏଠାରେ ଆସି ଶିଖିଛି ତାହା ସମସ୍ତଙ୍କୁ ମାଲୁମ୍ ହେବା ଉଚିତ୍ । ଆଜିକାଲି ଇସ୍‌ଲାମ୍ ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ବହୁତ ନକରାତ୍ମକ ଭାବନା ସୃଷ୍ଟି ହୋଇଛି । ଆମେ ଇସ୍‌ଲାମ୍‌ର ଏହି ପାର୍ଶ୍ୱଦ୍ୱାରା ବହୁତ ପ୍ରଭାବିତ ହେଲୁ । ଖଲିଫତୁଲ୍ ମସିହ୍ ବହୁତ ହିଁ ଉଚ୍ଚତମ ବ୍ୟକ୍ତିତ୍ୱର ମାଲିକ ଅଟନ୍ତି । ସେ ଯେଉଁ କଥାଟି କହିଲେ ଅର୍ଥାତ୍ "ଆମକୁ ଆମ ଆସନ୍ତା ପିଢ଼ୀପାଇଁ ଚିନ୍ତା କରିବା ଉଚିତ୍" ଏଥିରୁ ମୁଁ ବହୁତ ପ୍ରଭାବିତ ହେଲି ଓ ଏହି ବାକ୍ୟ ଦ୍ୱାରା ଏହି ମସ୍‌ଜିଦ୍‌ର ସ୍ଥାପନ ହେବାର କାରଣ ମଧ୍ୟ ବୁଝା ପଡୁଛି ଯେ ଆପଣମାନେ ଆସନ୍ତା ପିଢ଼ୀର ହିତସାଧନ ନିମନ୍ତେ କାର୍ଯ୍ୟ କରି ଚାଲିଛନ୍ତି । ହଜୁର୍‌ଙ୍କ ଭାଷଣରେ ଏକ ଆଶା ଥିଲା । ମଁ ହେଉଛି ଜଣେ ୟୁହୁଦୀ ଓ ମୋର ବନ୍ଧୁ ହେଉଛନ୍ତି ଇସାଇ, କିନ୍ତୁ ଆମେ ଏଠାରେ ଆସି ବହୁତ ସୁଖ ଅନୁଭବ କଲୁ । ଏହା ଅତ୍ୟନ୍ତ ଉତମ ପ୍ରୋଗ୍ରାମ୍ ଥିଲା । ଜମାତ୍ ଅହେମଦୀୟା ସହିତ ମୋର ପରିଚୟ ଲାଇବ୍ରେରି ଦ୍ୱାରା ହୋଇଥିଲା । ଯେଉଁଠି ମୁଁ ଭୋଟିଂ ପାଇଁ ଭଲେଂଟିୟର୍ କରିବା ପାଇଁ ଯାଇଥିଲି । ସେଠାରେ କିଛି ମହିଳା ମୋତେ ସାକ୍ଷାତ୍ କଲେ । ଯେଉଁମାନେ ବହୁତ ଗର୍ବର ସହିତ ଏକଥା କହୁଥିଲେ ଯେ ଆମେ ହେଉଛି ଅହେମଦୀ ମୁସଲ୍‌ମାନ୍ ମହିଳା । ପୁଣି ସେମାନେ ପରିଚୟ କରାଇଲେ ଓ କେତେକ ମାଗଣା ପୁସ୍ତକ ମଧ୍ୟ ଦେଲେ । ପୁଣି ଗୋଟିଏ ଫର୍ମ ମୋତେ ଦେଲେ ଯେ "କଣ ମୁଁ ଚାହୁଁଛି ଯେ ମୋ ସହିତ ପୁନର୍ବାର ଯୋଗାଯୋଗ କରାଯାଉ" ଯାହାକୁ ମୁଁ ଖୁସିରେ ଦସ୍ତଖତ କରିଦେଲି । ମୁଁ ଅତ୍ୟନ୍ତ ଖୁସି ଯେ ମୁଁ ସେଥିରେ ସାଇନ୍ କଲି । କାରଣ ସେଥିପାଇଁ ମୋତେ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହେବା ପାଇଁ ନିମନ୍ତ୍ରଣ ମିଳିଲା । ଫଳତଃ ମୁଁ ଏ ବାର୍ତାକୁ ଶୁଣିପାରିଲି । ପୃଥିବୀବାସୀଙ୍କୁ ଏପରି ବାର୍ତାର ଅତ୍ୟନ୍ତ ଆବଶ୍ୟକତା ରହିଛି । ଏ ପୃଥିବୀରେ ବହୁତ ଘୃଣାଭାବ ଦେଖାଯାଉଛି । ଏହି ମସ୍‌ଜିଦ୍‌ଟି ବହୁତ ସୁନ୍ଦର ମସ୍‌ଜିଦ୍ । ଏ କମ୍ୟୁନିଟ୍ ପାଇଁ ଏହା ଏକ ସକରାତ୍ମକର ସନ୍ତକ । ଏହାଦ୍ୱାରା ଲୋକମାନଙ୍କୁ ମୁସଲ୍‌ମାନ୍‌ମାନଙ୍କ ଗୁରୁତ୍ୱ ସମ୍ବନ୍ଧରେ ଅଧିକ ଜ୍ଞାନ ମିଳିବ । ଆମେ ଆପଣମାନଙ୍କ ସହିତ ମିଶି ବହୁତ ପ୍ରଭାବିତ ହେଲୁ । ଏହା ବହୁତ ଭଲ ଜମାତ୍ ଅଟେ । ପ୍ରତ୍ୟେକ ବ୍ୟକ୍ତି ବହୁତ ସୁନ୍ଦର ଶୈଳୀରେ ମିଳୁଥିଲେ । ବହୁତ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ଥିଲା । ଆମେ ଏଠାରେ ବହୁତ ଭଲ ସମୟ ବିତାଇଲୁ ।

ଆଉଜଣେ ଅତିଥି ଆଲେକ୍‌ସ୍ କେଇଶ୍ କହୁଛନ୍ତି ଯେ ମୁଁ ଏହି ଉତ୍ସବ ଦ୍ୱାର ବହୁତ ପ୍ରଭାବିତ ହୋଇଛି । ମୁଁ ହେଉଛି ଜଣେ ହୋଲୋକଷ୍ଟ୍ ସର୍ବାଇଭର୍ । ହଜୁର୍ ଅନୁଓ୍ୱର୍‌ଙ୍କ ବାର୍ତା ବହୁତ ପ୍ରଭାବଶାଳୀ ଥିଲା । ହଜୁର୍‌ଙ୍କ ମୁଖରୁ ବାହାରୁଥିବା ଗୋଟିଏ ଗୋଟିଏ ଶବ୍ଦ ମୋ ଆତ୍ମାକୁ ପ୍ରଭାବିତ କରୁଥିଲା । ହଜୁର୍ ଅନୁଓ୍ୱର୍‌ଙ୍କ ବାର୍ତା ଏ ଦୃଷ୍ଟିକୋଣରୁ ମଧ୍ୟ ବହୁତ ବୌଦ୍ଧିକ ପୂର୍ଣ୍ଣ ଥିଲା ଯେ ଆମେ ଘୃଣା ସହିତ ଲଢ଼ିପାରିବା ନାହିଁ । ଘୃଣାକୁ ଦୂରେଇ ଦେବା ପାଇଁ କେବଳ ଗୋଟିଏ ହିଁ ମାର୍ଗ ରହିଛି ଓ ତାହା ହେଉଛି ଏହା କି ପ୍ରେମକୁ ସ୍ଥାପନ କରିବା ପାଇଁ ଚେଷ୍ଟା କରାଯାଉ । ଘୃଣାକୁ ପ୍ରେମଦ୍ୱାର ଶେଷ କରିଦିଆଯାଉ । ଏହି ପ୍ରେମ ପ୍ରତ୍ୟେକ ଧର୍ମ ମଧ୍ୟରେ ସୃଷ୍ଟି କରାଯିବା ଉଚିତ୍ ଓ ଏପରି ପ୍ରେମର ଅଗଣତି ଉଦାହରଣ ଆମ ସମାଜରେ ମହଜୁଦ୍ ଅଛି । ଯେମିତି କି ଆପଣମାନଙ୍କର ଏହି ପ୍ରୋଗ୍ରାମ୍ ଥିଲା । କିନ୍ତୁ ଆଜିକାଲି ମିଡିଆରେ ଯାହା ଦେଖିବାକୁ ମିଳୁଅଛି ତାହା ଗୋଟିଏ ଛୋଟିଆ ଓ ସଂଖ୍ୟାଲଘୁ ବିଭ୍ରାଟକାରୀ ତତ୍ୱ । ଆମେ ତାହା ପରିବର୍ତେ ଆପୋଷରେ ପ୍ରେମଭାବକୁ ପ୍ରଚାର ପ୍ରସାର କରିବା ଉଚିତ୍ । ଏହି ବାର୍ତାକୁ ହଜୁର୍ ଅନୁଓ୍ୱର୍ ନେଇ ଆସିଛନ୍ତି । ଆମେ ଏହି ବାର୍ତାକୁ ଏବଂ ଇସ୍‌ଲାମ୍‌ର ପ୍ରକୃତ ସ୍ୱରୂପକୁ ପୃଥିବୀବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବା ଉଚିତ୍ ।

ଏକାବନତମ ଡିଷ୍ଟ୍ରିକ୍ଟ୍‌ରୁ ଭର୍ଜିନିଆ ଷ୍ଟେଟ୍ ଡେଲିଗେଟ୍‌ସ୍‌ର ସଦସ୍ୟ ହାଲା ଆୟାଲା ଯିଏ ଏହି ଉତ୍ସବର ପ୍ରାରମ୍ଭରେ ସମ୍ବୋଧନ ମଧ୍ୟ କରିଥିଲେ, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି:- ମୁଁ ନିଜେ ମଧ୍ୟ ଜଣେ ମୁହାଜିର୍‌ଙ୍କ ଝିଅ ଅଟେ । ଖଲିଫତୁଲ୍ ମସିହ୍ (ଅ:ବ:ଅ)ଙ୍କ କଥାଗୁଡିକ ଏକ ମଲମ ସଦୃଶ ଥିଲା । ବିଶେଷ ରୂପେ ସେ ସମୟରେ ଯେତେବେଳେ ଆମେ ଆଶାକୁ ଖୋଜି ବୁଲୁଥିଲୁ । ଆମକୁ ବର୍ତମାନ ଏକତ୍ୱର ଆବଶ୍ୟକତା ରହିଛି । ଏକଥାର ଆବଶ୍ୟକତା ରହିଛି ଯେ ଲୋକମାନେ ଏ ଦେଶର ହିତ ପାଇଁ ଏକାଠି ହୋଇଯାଆନ୍ତୁ । ଓ ମୋର ଧାରଣାରେ ହଜୁର୍ ଅନୁଓ୍ୱର୍‌ଙ୍କର ଉକ୍ତ ଅଭିଭାଷଣଟି ଆମ ଦେଶର ଅବସ୍ଥାକୁ ଦୃଷ୍ଟି ଆଗରେ ରଖି ଅତ୍ୟନ୍ତ ଉଚିତ୍ ଅଭିଭାଷଣ ଥିଲା ।

ମୁଁ ଏ ସ୍ଥାନକୁ ଉଦ୍‌ଘାଟନ ଉତ୍ସବ ପୂର୍ବରୁ ମଧ୍ୟ ଆସିଛି କିନ୍ତୁ ହଜୁର୍ ଅନୁଓ୍ୱର୍‌ଙ୍କ ଆଗମନ ଦ୍ୱାରା ଗୋଟିଏ ଅସାଧାରଣ, ଆଧ୍ୟାତ୍ମିକ ଫରକକୁ ଅନୁଭବ କରୁଅଛି । ବହୁତ ଶାନ୍ତିପୂର୍ଣ୍ଣ ପରିବେଶ, ହଜୁର୍ ଅନୁଓ୍ୱର୍‌ଙ୍କ ବାର୍ତା ବହୁତ ଆଶ୍ଚର୍ଯ୍ୟଚକିତ ଥିଲା । ବିଶେଷ ରୂପେ ୟୁ.ଏସ୍.ଏର ବର୍ତମାନ ପରିସ୍ଥିତିରେ ଏହା ବହୁତ ସୁନ୍ଦର ଥିଲା । ଆପଣମାନଙ୍କର ବାର୍ତା ଥିଲା ପ୍ରେମର ବାର୍ତା ଏବଂ ଏକତାର ବାର୍ତା । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅନ୍ୟମାନଙ୍କୁ ନିଜ ଉପରେ ଅଗ୍ରାଧିକାର ଦିଅ । ନିଃସ୍ୱାର୍ଥପର ହୋଇ ସେବା କର । ଆଜିକାଲିର ରାଜନୈତିକ ପରିବେଶରେ ଆମକୁ ଏପରି ହିଁ ବାର୍ତାର ଆବଶ୍ୟକତା ରହିଛି । ଅନ୍ୟ ଲୋକମାନଙ୍କୁ ନିଜ ଉପରେ ଅଗ୍ରାଧିକାର ଦେବା ଏକ ବହୁତ ସୁନ୍ଦର ଓ ଆଧ୍ୟାତ୍ମିକତାରେ ପରିପୁର୍ଣ୍ଣ ବାର୍ତା ଅଟେ । ନିଜ ପଡୋଶୀମାନଙ୍କର ଧ୍ୟାନ ରଖିବା, ଅନ୍ୟମାନଙ୍କୁ ଆରାମ ପହଂଚାଇବା ପାଇଁ ନିଜର ଆରାମକୁ ପରିତ୍ୟାଗ କରିବା ବହୁତ ହିଁ ସୁନ୍ଦର କାର୍ଯ୍ୟ ଅଟେ । ଏହିପରି ମୌକାରେ ନିଜର ଅସ୍ତିତ୍ୱକୁ ଅଗ୍ରାଧିକାର ଦିଆଯାଇଥାଏ । ହଜୁର୍ ଅନୁଓ୍ୱର୍‌ଙ୍କର ଯେଉଁ ବାର୍ତା ଥିଲା ତାହା ପ୍ରେମ ଓ ସ୍ନେହରେ ପରିପୁର୍ଣ୍ଣ ବାର୍ତା ଥିଲା । ମୁଁ ବହୁତ ଖୁସି ଅଟେ ଯେ ମୋ ଜିଲ୍ଲା ମଧ୍ୟରେ ହିଁ ଏହି ମସ୍‌ଜିଦ୍‌କୁ ନିର୍ମାଣ କରାଯାଇଛି । ତେଣୁ ମୋତେ ବହୁତ ଗର୍ବ ଅନୁଭବ ହେଉଛି ଯେ ଏହି ମସ୍‌ଜିଦ୍‌ର ସ୍ଥାପନ ନିମନ୍ତେ ମୋର ଚେଷ୍ଟା ମଧ୍ୟ ସାମିଲ୍ ରହିଛି, ଯେପରିକି ହଜୁର୍ ଅନୁଓ୍ୱର୍ କହିଲେ ଆମକୁ ସମାଜରେ ଏକତା ସୃଷ୍ଟି କରିବାକୁ ହେବ ଓ ଏହା କୌଣସି ଏକ ଗ୍ରୁପ୍‌ର ଚେଷ୍ଟାଦ୍ୱାରା ହୋଇପାରେନାହିଁ । ପ୍ରତ୍ୟେକ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Pankal (Odisha)*

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ଅନ୍ଓ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତ୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନ୍ଓ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ । (ବଦର କାର୍ଯ୍ୟାଳୟ)

## ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିଭାବକୁ ଦେଖାଅ । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଓ ତା ଉପରେ ପରିଚାଳିତ ହୁଅ ।

### ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ଜମାତ୍‌ଠାରୁ ଆଶାପୋଷଣ

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

ମନେରଖ ଆମ ଜମାତ୍ ଏକଥା ପାଇଁ ନୁହେଁ ଯେପରି ସାଧାରଣ ସାଂସାରିକ (ବ୍ୟକ୍ତି) ଜୀବନ ବିତାଇଥାଏ । କେବଳ ମୁହଁରୁ କହିଥାଏ ଯେ ଆମେ ଏହି ସିଲ୍‌ସିଲାରେ ଦାଖିଲ୍ ଅଛୁ । ଏବଂ ଅମଲ (କାର୍ଯ୍ୟ)ର ଆବଶ୍ୟକତାକୁ ବୁଝୁନାହିଁ ଯେପରି ଦୁର୍ଭାଗ୍ୟ ବଶତଃ ମୁସଲ୍‌ମାନ୍ ମାନଙ୍କର ଏପରି ଅବସ୍ଥା ଯେ (ଯେବେ ତାଙ୍କୁ) ପଚାର କି ତୁମେ ମୁସଲ୍‌ମାନ୍ ଅଟ? ସେତେବେଳେ ସେ କହିଥାନ୍ତି ଶୁକର୍ ଅଲ୍‌ହମ୍‌ଦୋଲିଲ୍ଲାଃ । କିନ୍ତୁ ନମାଜ ପଢ଼ନ୍ତି ନାହିଁ ଏବଂ ଅଲ୍ଲାଃଙ୍କ ଚିହ୍ନର ସମ୍ମାନ କରନ୍ତି ନାହିଁ ସୁତରାଂ ମୁଁ ତୁମଠାରୁ ଏହା ଚାହୁଁନାହିଁ ଯେ କେବଳ ମୁହଁଦ୍ୱାରା ମାନିନିଅ ଓ କାର୍ଯ୍ୟ କରି କିଛି ଦେଖାଅନାହିଁ । ଏହା ହେଉଛି ନିକମା ମାନଙ୍କ ଅବସ୍ଥା । ଖୁଦାତାଲା ଏହା ପସନ୍ଦ କରେନାହିଁ । ପୃଥିବୀର ଏପରି ଅବସ୍ଥା ଏହା ଚାହୁଁଥିଲା କି ଖୁଦାତାଲା ମୋତେ ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ଛିଡା କଲା । ତେଣୁ ଏବେ ଯଦି କୌଣସି (ବ୍ୟକ୍ତି) ମୋ ସହିତ ସମ୍ପର୍କ ରଖି ମଧ୍ୟ ନିଜ ଅବସ୍ଥାରେ ସୁଧାର ଆଣୁନାହିଁ ଏବଂ କାର୍ଯ୍ୟଶକ୍ତିରେ ଉନ୍ନତି ଆଣୁନାହିଁ ବରଂ ମୁହଁଦ୍ୱାରା ମାନିଯିବାକୁ ହିଁ ଯଥେଷ୍ଟ ମଣୁଛି ସେ ଏପରି ଅଟେ ଯେପରି ନିଜର କାର୍ଯ୍ୟଦ୍ୱାରା ମୋ ଅନାବଶ୍ୟକତା ଉପରେ ଜୋର୍ ଦେଉଅଛି । ପୁଣି ତୁମେ ଯଦି ନିଜ କାର୍ଯ୍ୟଦ୍ୱାରା ପ୍ରମାଣ କରିବାକୁ ଚାହୁଁଛ ଯେ ମୋ ଆସିବା ନିରର୍ଥକ ତେବେ ପୁଣି (ଯଦି) ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ? ମୋ ସହିତ ସମ୍ପର୍କ ସୃଷ୍ଟି କରୁଛ ତେବେ ମୋର ଲକ୍ଷ ଓ ଉଦ୍ଦେଶ୍ୟକୁ ପୂରଣ କର ଓ ତାହା ହେଉଛି ଏହା ଯେ ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିକୁ ଦେଖାଅ ଏବଂ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ସେହିପରି ପରିଚାଳିତ ହୁଅ ଯେଉଁପରି ରସୁଲୁଲ୍ଲାଃ ସ:ଆ:ସ କରି ଦେଖାଇଛନ୍ତି ଏବଂ ସାହାବାମାନେ ମଧ୍ୟ କରିଛନ୍ତି । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଏବଂ ତା ଉପରେ ପରିଚାଳିତ ହୁଅ । ଖୁଦାତାଲାଙ୍କ ନିକଟରେ ଏତିକି କଥା ଯଥେଷ୍ଟ ହୋଇପାରେନା ଯେ ମୁହଁରେ ମାନିନେବା ଓ କାର୍ଯ୍ୟରେ କୌଣସି ଆଲୋକ ଓ ଉତ୍ସୁକତା ନମିଳିବା । ମନେରଖ ଯେ ଯେଉଁ ଜମାତ୍‌କୁ ଖୁଦାତାଲା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ବିନା କାର୍ଯ୍ୟରେ ଜୀବିତ ରହିପାରିବ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୨୨)*

(ନଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)

## ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ

ଓଡ଼ିଆ ବଦର ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian
Ph No: +911872 224757
Mob No: +919417020616
Email: managerbadarqnd@gmail.com
Naib Editor Odia Badar
Mob: 9437128786

## ହଜୁର ଅନଓ୍ୱରଙ୍କ ଗୋଚରରେ ଡ଼ାକ ଦ୍ୱାରା ଚିଠି ଲେଖୁଥିବା ଲୋକମାନଙ୍କ ପାଇଁ

### ନୂଆ ଠିକଣା

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ, ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଗତ କିଛି ସପ୍ତାହ ହେବ ମସ୍‌ଜିଦ୍ ଫଜଲ୍‌ରୁ ଆସି ନୂଆ ମର୍କଜ ଇସାଲାମବାଦ ଟିଲ୍‌ଫୋର୍ଡ଼ଠାରେ ରହୁଛନ୍ତି ଯେଉଁ ଲୋକମାନେ ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସେବାରେ ପ୍ରାର୍ଥନା ମୂଳକ ଚିଠି ଡ଼ାକ ଦ୍ୱାରା ପଠାଉଛନ୍ତି ସେମାନେ ଏବେ ନିମ୍ନଲିଖିତ ନୂଆ ଠିକଣାରେ ଚିଠି ପଠାନ୍ତୁ

Islamabad, 2, Sheephatch Lane,
Tilford Surrey GU10 2AQ
United Kingdom

## ସାଲାନା ଇଜ୍‌ତେମା

### ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍‌ନା ଇମାଇଲ୍ଲାଃ ଭାରତ-୨୦୧୯

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜ୍‌ନା ଇମାଇଲାଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନ୍ଓ୍ୱର୍ ଅ:ବ:ଅ ସଦିଚ୍ଛା ସହିତ ମର୍କଜି ସାଲାନା ଇଜ୍‌ତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍‌ନା ଇମାଇଲ୍ଲାଃ ଭାରତ-୨୦୧୯ ନିମନ୍ତେ ତା ୧୮,୧୯,୨୦ ଅକ୍ଟୋବର (ଶୁକ୍ରବାର, ଶନିବାର, ରବିବାର) ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ କାଦିୟାନ୍ ଦାରୁଲ୍ ଅମାନ୍‌ର ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମର୍କଜି ଇଜ୍‌ତେମାଅତ୍‌ରେ ସାମିଲ୍ ହେବାପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଏହି ଇଜ୍‌ତିମାଅତ୍ ତର୍‌ବିୟତ୍‌ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନ୍ଓ୍ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୂଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୂଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୂଆ ଶର୍‌ହା ଅର୍ଥାତ୍ ବାର୍ଷିକ ୫୦୦ ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

## ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୯ ମସିହା ଡିସେମ୍ବର୍ ତା-୨୭,୮,୨୯ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡ଼ିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ **(ନାଜର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ବ୍ୟକ୍ତିକୁ ଏଥିରେ ନିଜ ନିଜର ଭାଗ ପକାଇବାକୁ ହେବ ।

ଆଉଜଣେ ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ:- ଆମକୁ ଏହି ବାର୍ତାର ବହୁତ ଆବଶ୍ୟକତା ରହିଛି ଅର୍ଥାତ୍ "ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ" । ମୋ ମତରେ ଏହି ବାର୍ତାର ପ୍ରତି ବଦଳରେ ଆଉ କୌଣସି ବାର୍ତା ଏପରି ନାହିଁ । ଏଠିକାର ଆତିଥ୍ୟତା ଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି । ଯେଉଁ ପ୍ରକାରର ସୁନ୍ଦର ବ୍ୟବହାର ଦ୍ୱାରା ଓ ଉତ୍ସାହିତ ହୋଇ ଆମକୁ ସ୍ୱାଗତ କରାଗଲା ତାଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି ।

ଅର୍ଜୁନ୍ ସିଙ୍ଗ୍ ଗିଲ୍ ସାହେବ୍ ଯିଏ ତିରିଶ ବର୍ଷରୁ ଅଧିକ ସମୟ ହେବ ଇଣ୍ଡିଆନ୍ ଏୟାର୍ ଫୋର୍ସ୍‌ରେ କାମ କରିଛନ୍ତି ଓ ତିନିବର୍ଷ ପାଇଁ ୱାଶିଂଟନ୍ ଡିସିରେ ଇଣ୍ଡିଆନ୍ ହାଇ କମିଶନ୍‌ରେ ଡିପ୍ଲୋମାଟ୍ ରୂପେ କାର୍ଯ୍ୟ କରିସାରିଛନ୍ତି ସେ ନିଜର ମନୋଭାବକୁ ବ୍ୟକ୍ତ କରି ଏପରି କହୁଛନ୍ତି ଯେ "ମୋ ପାଇଁ ଏହା ବହୁତ ବଡ ସମ୍ମାନ ଓ ଗର୍ବର କଥା ଯେ ମୋତେ ଆଜିକାର ଏହି ବୈଠକରେ ଯୋଗଦେବା ପାଇଁ ମୌକା ମିଳିଲା । ଖଲିଫାଙ୍କର ଆଜିର ଏହି ଅଭିଭାଷଣଟି ବହୁତ ପ୍ରଭାବଶାଳୀ ଥିଲା ଏବଂ ଶାନ୍ତିର ଶିକ୍ଷା ଉପରେ ଆଧାରିତ ଥିଲା ।

ସୁର୍‌ଜିତ୍ ସିଂ ସଧୁ ସାହେବ୍ ଯିଏ ସିଖ୍ ଫାଉଣ୍ଡେସନ୍ ଭର୍ଜିନିଆର ଚେୟାର୍‌ମ୍ୟାନ୍ ଅଛନ୍ତି, ସେ କହୁଛନ୍ତି "ମୋର ସମ୍ବନ୍ଧ ଯେହେତୁ ପଞ୍ଜାବ୍ ସହିତ ରହିଛି ତେଣୁ ମୁଁ ପୂର୍ବରୁ ହିଁ ଅହେମଦୀୟା ଜମାତ୍ ସହିତ ପରିଚିତ ଥିଲି ଓ ମୁଁ ଏକଥା ମଧ୍ୟ ଜାଣିଛି ଯେ ଜମାତ୍ ଅହେମଦୀୟାରେ ଏକ ଶିକ୍ଷିତ ଗୋଷ୍ଠୀ ମିଳିଥାଏ । ଜମାତ୍ ଅହେମଦୀୟା ମାନବ ସେବା ପାଇଁ ବହୁତ ବ୍ୟାପକ ରୂପେ ପୃଥିବୀର ସମସ୍ତ ଦେଶରେ ନିଜର ସେବାକୁ ସମ୍ପାଦନ କରୁଅଛି ଓ ଏହି ସେବା କାର୍ଯ୍ୟକୁ ସାରା ପୃଥିବୀରେ ପ୍ରଶଂସା ମଧ୍ୟ କରାଯାଉଅଛି । ହଜୁର୍ ଅନୁଓ୍ୱର୍‌ଙ୍କର ଆଜିକାର ଏହି ଅଭିଭାଷଣ ବହୁତ ବୌଦ୍ଧିକ ଓ ତତ୍ତ୍ୱପୂର୍ଣ୍ଣ ଥିଲା । ଆମେ ହୃଦୟର ଅନ୍ତରରୁ ଏହି ମସ୍‌ଜିଦ୍ ନିର୍ମାଣ ଯୋଗୁ ଜମାତ୍ ଅହେମଦୀୟାକୁ ଶୁଭେଚ୍ଛା ଜଣାଉଛୁ ଓ ଏ ଆଶା ରଖିଛୁ ଯେ ଭବିଷ୍ୟତରେ ମଧ୍ୟ ଏଠାରେ ଆନ୍ତର୍ଜାତୀୟ ଧର୍ମ ସମ୍ମିଳନୀ ଓ ଡାଇଲଗ୍ ଅନୁଷ୍ଠିତ କରାଯିବ ।

ଆଉଜଣେ ଅତିଥି ଲେଓସ୍ ଷ୍ଟାଟେନ୍ ସାହେବ୍ ଯିଏ ନ୍ୟୁଜର୍ସି ଠାରେ ଚିରୋପ୍ରୋକେଟର୍ ଅଛନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେହେତୁ ପୂର୍ବରୁ ମୋର ମୁସଲ୍‌ମାନ ମାନଙ୍କ ସହିତ ଉଠାବସା ଥିଲା ଓ ମିଳାମିଶା ଥିଲା ସେଥିପାଇଁ ମୁଁ ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ ପରିଚିତ ଥିଲି । ଏ ଦୃଷ୍ଟିକୋଣରୁ ମୁଁ ମିଡିଆରେ ଉପସ୍ଥାପନ କରାଯାଉଥିବା ଇସ୍‌ଲାମ୍ ସମ୍ବନ୍ଧରେ ପରିଚିତ ଥିଲି । କିନ୍ତୁ ମୋତେ ଯେଉଁ କଥାଟି ବହୁତ ଆନନ୍ଦ ଦେଇଛି ତାହା ହେଉଛି ଏହା କି ହଜୁର୍ ଅନୁଓ୍ୱର୍ ସମୟ ବାହାର କଲେ ଓ ଆମ ସମସ୍ତଙ୍କୁ ନିମନ୍ତ୍ରଣ କଲେ ଆମ ଉପରେ ଇସ୍‌ଲାମ୍‌ର ସତ୍ୟ ଓ ସୁନ୍ଦର ଶିକ୍ଷା ଗୁଡିକୁ ବ୍ୟାଖ୍ୟା କଲେ ।

ଆଉଜଣେ ମହିଳା ଅତିଥି ଶିନିନ୍ ମାଦାରାଜୁ ସାହିବା ଯିଏ ନିଉ ଜର୍ସିଠାରେ ସର୍ଜିକାଲ୍ କୋଅର୍ଡିନେଟର୍ ଅଛନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି- ଆଜିକାର ହଜୁର୍‌ଙ୍କ ଭାଷଣରେ ଆମେ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ପୁନର୍ବାର ବତାଇ ଦିଆଗଲା । ମୋର ମଧ୍ୟ ଏ ଦୃଷ୍ଟିକୋଣ ରହିଛି ଯେ କିଛି ଲୋକମାନଙ୍କ ଖରାପ ଆଚରଣ ଯୋଗୁ ସମ୍ପୂର୍ଣ୍ଣ ଧର୍ମ ଉପରେ ଆରୋପ ଲଗାଇବା ନିଜ ଉପରେ ଅତ୍ୟାଚାର କରିବାଠାରୁ କମ୍ ନୁହେଁ । ଆମର ଏଠି ଆମେରିକାରେ ପ୍ରତ୍ୟେକ ଦିନ କୌଣସି ନା କୌଣସି ଦୁର୍ଘଟଣା ଘଟିଥାଏ । କିନ୍ତୁ ଏଥିପାଇଁ ସମ୍ପୂର୍ଣ୍ଣ ଗୋଟିଏ ଧର୍ମକୁ ଦୋଷୀ ଅଭିହିତ କରିବା ଭୁଲ୍ କଥା ।

ଆଉଜଣେ ଅତିଥି ସାନ୍ଦ୍ରା ଉଇଲ୍‌ସନ୍ ସାହିବା ଯିଏ କାଉଁଟି ଗଭର୍ଣ୍ଣମେଂଟ୍‌ରେ କାର୍ଯ୍ୟରତ, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ:- "ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ" ର ସତ୍ୟ ଦୃଶ୍ୟକୁ ଆପଣଙ୍କ ଜମାତ୍ ଉପସ୍ଥାପନ କରୁଅଛି । ଆଜିର ଏହି ଅଭିଭାଷଣ ପରେ ମୁଁ ଏକଥା କହିପାରିବି ଯେ ଖଲିଫତୁଲ୍ ମସିହ୍ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କେବଳ ଓ କେବଳ ଶାନ୍ତି ଚାହୁଁଛନ୍ତି । ଆମେ ସମସ୍ତେ ହେଉଛେ ଏକ ଏବଂ ସାରା ପୃଥିବୀର ସମସ୍ତ ସମସ୍ୟାକୁ ଗୋଟିଏ ପଟେ ରଖିଦେଇ ଆମେ ଆଜି ସମସ୍ତେ ଏକତ୍ରିତ ହୋଇ ଏକତାର ବାତାବରଣକୁ ପ୍ରତିଷ୍ଠା କରିବା ପାଇଁ ଏକାଠି ହୋଇଛେ ।

ଆଉଜଣେ ଅତିଥି ଡାକ୍ତର ହମିରା ଅଲି ସାହିବା ଯିଏ ପ୍ରିନ୍‌ସ୍ ଉଇଲିୟମ୍ କାଉଁଟିରେ ମାଗଣା କ୍ଲିନିକ୍‌ର ମେଡିକାଲ୍ ଡିରେକ୍ଟର୍ ଅଛନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି ଏପରି କହୁଛନ୍ତି:- "ମୁଁ ଆଜିକାର ଏହି ଉତ୍ସବ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ପ୍ରତ୍ୟେକ ବ୍ୟକ୍ତି ଖୋଲା ହୃଦୟ ଦ୍ୱାରା ଆମକୁ ସ୍ୱାଗତ ଜଣାଉଥିଲା । ଓ ଭାଷଣରେ ହଜୁର୍ ଅନୁଓ୍ୱର ଏହି ମଜ୍‌ଲିସ୍‌ରେ ସାମିଲ୍ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିମନ୍ତ୍ରଣ ଦେଲେ ଯେ ଆମ ସମସ୍ତଙ୍କୁ ମିଳିମିଶି ଚେଷ୍ଟା କରିବାକୁ ହେବ ଯେ ଶାନ୍ତି, ନ୍ୟାୟ ଓ ସମାନତା ପାଇଁ ଆମେ ଆମର ପାଦକୁ ଆଗକୁ ବଢ଼ାଇବା ଓ ଆମର ଆସନ୍ତା ପିଢ଼ୀପାଇଁ ଏକ ସୁନ୍ଦର ଉଦାହରଣ ଛାଡିଯିବା । ଅଭିଭାଷଣ ସମୟରେ ଏପରି ଅନୁଭବ ହେଉଥିଲା ଯେ ଯେପରି ହଜୁର୍ କେବଳ ମୋତେ ହିଁ ସମ୍ବୋଧନ କରୁଛନ୍ତି ଓ ମୋତେ ମୋର ଦାୟିତ୍ୱ ଓ କର୍ତବ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଉଛନ୍ତି" ।

ଆଉଜଣେ ଅତିଥି ରୁଥ୍ ଆଣ୍ଡରସନ୍ ସାହିବା ଯିଏ ପ୍ରିନ୍‌ସ ଉଇଲିୟମ୍ କାଉଂଟି ପାଇଁ କାମ କରୁଛନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି ଏପରି କହୁଛନ୍ତି:- "ମୋତେ ଜମାତ୍ ସମ୍ବନ୍ଧରେ କିଛି ବର୍ଷ ପୂର୍ବେ ଜଣେ ଅହେମଦୀ ମହିଳାଙ୍କ ଜରିଆରେ ପରିଚିତ କରାଯାଇଥିଲା । ସେହି ଅହେମଦୀ ମହିଳାଜଣକ ଜଣେ ଅହେମଦୀ ଭାବେ ବିଭିନ୍ନ ସମ୍ପ୍ରଦାୟରେ ନିଜର ସେବା କାର୍ଯ୍ୟ କରିଛନ୍ତି ଓ ଜମାତ୍ ସମ୍ବନ୍ଧରେ ସେ ବତାଇଲେ ଯେ ସେ କି କି ପ୍ରକାରର ଉନ୍ନତି ମୂଳକ ସେବା କାର୍ଯ୍ୟକୁ ସମ୍ପାଦନ କରୁଛନ୍ତି । ପୁଣି ଆଜି ଏଠାକୁ ଆସିବା ପାଇଁ ମୋତେ ନିମନ୍ତ୍ରଣ ଦିଆଯାଇଛି । ତେଣୁ ମୋ ପାଇଁ ଏହା ବହୁତ ସମ୍ମାନ ଓ ଗୌରବର କଥା । କାରଣ ମୋତେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଗୋଟିଏ ଛୋଟଆ ଗ୍ରୁପ୍ ମଧ୍ୟରେ ବାର୍ତାଳାପ କରିବା ପାଇଁ ମୌକା ମିଳିଲା । ଯେହେତୁ ଜମାତ୍ ଅହେମଦୀୟା ସହିତ ସମ୍ପର୍କ ରଖିଥିବା ବନ୍ଧୁମାନଙ୍କ ସହିତ ମୋର ପୂର୍ବରୁ ହିଁ ପରିଚୟ ଥିଲା । ତେଣୁ ମୁଁ ଆପଣମାନଙ୍କ ଶିକ୍ଷା ସମ୍ବନ୍ଧରେ କିଛି ମାତ୍ରାରେ ଅବଗତ ଥିଲି ଓ ଏ ସମ୍ବନ୍ଧରେ ବହୁତ କିଛି ଜ୍ଞାନ ଇଂଟରନେଟ୍ ମାଧ୍ୟମରେ ହାସଲ କରିସାରିଥିଲି । ଏ ଦୃଷ୍ଟିକୋଣରୁ ମୁଁ ବହୁତ ସୌଭାଗ୍ୟଶାଳୀ ଯେ ମୋତେ ଏଠାକୁ ଭାଷଣ ଶୁଣିବା ପାଇଁ ଡକାଯାଇଛି । ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣରେ ଯେଉଁ ଶାନ୍ତି ଏବଂ ପଡୋଶୀ ମାନଙ୍କ ଅଧିକାର ପ୍ରଦାନ କରିବା ସମ୍ବନ୍ଧରେ ବର୍ଣ୍ଣନା କରାଗଲା ତାହା ସତ୍ୟ ଉପରେ ଆଧାରିତ । ମୁଁ ନିଜେ ଚାହୁଁଛି ଯେ ସବୁ ସ୍ଥାନରେ ଶାନ୍ତି ସ୍ଥାପନ ହେଉ ।"

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 03 Oct 2019 Issue No. 40

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୩ ନଭେମ୍ବର ୨୦୧୮ (ଶନିବାର) ର ବଳକା ଅଂଶ

## ସରକାରୀ ଶାସକ ଓ ଅତିଥି ମାନଙ୍କର ହଜୁର୍ ଅନୁୱର୍ ଅ:ବ:ଅଙ୍କର ସାମୂହିକ ସାକ୍ଷାତ୍‌କାରର ବଳକା ଅଂଶ

ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ପବିତ୍ର କୋରାନ୍‌ର ସର୍ବପ୍ରଥମ ସୁରଃ "ଅଲ୍‌ଫାତିହା"ରେ ଅଲ୍ଲାଃତାଲା କହୁଛନ୍ତି ଯେ ସେ ହେଉଛନ୍ତି "ସାରା ବ୍ରହ୍ମାଣ୍ଡର ପାଳନକର୍ତା" ଯିଏ ସମଗ୍ର ମାନବଜାତିକୁ ପାଳିଥାଏ । ଏହାର ଅର୍ଥ ହେଉଛି ସେ ଲୋକମାନଙ୍କର ଧର୍ମ, ବିଶ୍ୱାସ ଓ ଆସ୍ଥାଠାରୁ ଉର୍ଦ୍ଧ୍ୱରେ ରହି ସମଗ୍ର ମାନବ ଜାତିକୁ ହିଁ ପାଳନ ପୋଷଣ କରିଥାଏ । ଏପରି ଲୋକମାନେ ଯିଏ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଛନ୍ତି ବା ବିଧର୍ମୀ ଅଟନ୍ତି ସେମାନେ ମଧ୍ୟ ଅଲ୍ଲାଃତାଲାଙ୍କ ରହ୍‌ମାନିୟତ୍ ଏବଂ ରହିମିୟତ୍ ରୁ ଲାଭ ଉଠାଉଛନ୍ତି । ସୁତରାଂ ଯେଉଁଠି ପବିତ୍ର କୋରାନ୍ ଅଲ୍ଲାଃତାଲାଙ୍କୁ "ରବ୍‌ବୁଲ୍ ଆଲ୍‌ମିନ୍" (ଅର୍ଥାତ୍ ବ୍ରହ୍ମାଣ୍ଡର ପାଳନକର୍ତା) ଅବିହିତ କରିଛି ସେଠାରେ ଏହା ମଧ୍ୟ ବତାଇଛି ଯେ ଅଲ୍ଲାଃ ହେଉଛନ୍ତି ରହ୍‌ମାନ୍ ଏବଂ ରହିମ୍ (ଅର୍ଥାତ୍ ଦୟାମୟ ଓ ସଦା କରୁଣାମୟ) ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହିପରି ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ସମ୍ବନ୍ଧରେ କହିଛନ୍ତି ଯେ ସେ ହେଉଛନ୍ତି ରହ୍‌ମତୁଲ୍ ଲିଲ୍ ଆଲ୍‌ମିନ୍ (ଅର୍ଥାତ୍ ସମଗ୍ର ବ୍ରହ୍ମାଣ୍ଡ ପାଇଁ କରୁଣାମୟ) । ଅବଶ୍ୟ ଇସ୍‌ଲାମ୍‌ର ପୈଗମ୍ବର୍ ନିଜର ସାରାଜୀବନ ମାନବଜାତିକୁ ଭଲପାଇବା ଓ ମାନବଜାତି ସହିତ ପ୍ରେମ କରିବାର ପ୍ରଦର୍ଶନ କରିଛନ୍ତି । ଆପଣ ସ:ଆ:ସଙ୍କ ହୃଦୟ ପ୍ରେମ ଓ ଭଲପାଇବାରେ ପରିପୂର୍ଣ୍ଣ ଥିଲା ଓ ଆପଣ ସ:ଆ:ସ ପ୍ରତ୍ୟେକ ସମୟ ମାନବ ଜାତିର ଉନ୍ନତି ପାଇଁ ଅହରହ ଲାଗି ରହିଥିଲେ ଓ ସର୍ବଦା ଅନ୍ୟମାନଙ୍କର ଦୁଃଖ କଷ୍ଟକୁ ହରଣ କରିବା ପାଇଁ ଚେଷ୍ଟା କରୁଥିଲେ । ଆପଣ ସ:ଆ:ସ ନିଜ ଅନୁଯାୟୀମାନଙ୍କୁ ସମଗ୍ର ମାନବଜାତିର ସମ୍ମାନ କରିବା ପାଇଁ ଶିକ୍ଷା ଦେଇଛନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ଅବସରରେ ଆପଣ ସ:ଆ:ସ ବିଦ୍ୟମାନ ଥିଲେ ଓ ନିକଟରେ ଗୋଟିଏ ଯନାଜାଃ (ଅର୍ଥି) ଯାଉଥିଲା । ଏହା ଦେଖି ଆପଣ ସ:ଆ:ସ ତତ୍‌କ୍ଷଣାତ୍ ଛିଡା ହୋଇଗଲେ । ଏଥିରେ ଆପଣ ସ:ଆ:ସଙ୍କ ଜଣେ ସାହାବୀ କହିଲେ ଏହା ତ ହେଉଛି ଜଣେ ୟୁହୁଦୀଙ୍କ ଯନାଜାଃ, ମୁସଲ୍‌ମାନ୍‌ର ନୁହେଁ । ଏହା ଶୁଣି ପୈଗମ୍ବରେ ଇସ୍‌ଲାମ୍ ସ:ଆ:ସ କହିଲେ- କଣ ସେ ମନୁଷ୍ୟ ନଥିଲା ? ଏଥିରୁ ଜଣାପଡୁଛି ଯେ ଆପଣ ସ:ଆ:ସଙ୍କ ହୃଦୟ ଭିତରେ ମାନବଜାତି ପାଇଁ କି ପ୍ରକାରର ପ୍ରେମଭାବ ରହିଥିଲା । ଏଥିରୁ ଏହା ମଧ୍ୟ ଜଣାପଡୁଛି ଯେ ଆପଣ ସ:ଆ:ସ କିପରି ନିଜ ଅନୁଗାମୀ ମାନଙ୍କୁ ଅନ୍ୟ ଧର୍ମ ଓ ଅନ୍ୟ ବିଶ୍ୱାସ ରଖିଥିବା ଲୋକମାନଙ୍କ ସହିତ ସଦ୍ ବ୍ୟବହାର କରିବା ପାଇଁ ଶିକ୍ଷା ଦେଇଛନ୍ତି ଯେ ସେମାନେ ଅନ୍ୟମାନଙ୍କର ଭାବନାକୁ ଧ୍ୟାନ ରଖିବା ଉଚିତ୍ ଓ ସେମାନଙ୍କ ମନୋଭାବର ସମ୍ମାନ କରିବା ଉଚିତ୍ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଅନେକ ଲୋକ ଏ ପ୍ରଶ୍ନ ପଚାରିଥାନ୍ତି ଯେ କ'ଣ ଇସ୍‌ଲାମ୍ ଧର୍ମୀୟ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିଥାଏ ? ଏହି ପ୍ରଶ୍ନର ଉତରରେ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଜୀବନୀରୁ ଗୋଟିଏ ଉଦାହରଣ ଉପସ୍ଥାପନ କରୁଅଛି । ଏକଦା ନଜ୍‌ରାନ୍‌ର ଇସାଇମାନଙ୍କର ଗୋଟିଏ ପ୍ରତିନିଧି ମଣ୍ଡଳ ଆପଣ ସ:ଆ:ସଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସି ମଦିନାରେ ପହଂଚିଲା । କିଛି ସମୟ ପରେ ଏହି ଇସାଇ ଲୋକମାନେ ସଙ୍କୋଚ ଅନୁଭବ କଲେ । ଏହା ଦେଖି ରସୁଲେ କରିମ୍ ସ:ଆ:ସ ତାଙ୍କୁ ପଚାରିଲେ ଯେ "ସବୁ ଠିକ୍ ଅଛି ତ" ? ଇସାଇମାନେ ଉତର ଦେଲେ ଯେ ବର୍ତମାନ ସମୟ ସେମାନଙ୍କର ସମୟ । କିନ୍ତୁ ଏଠାରେ ଉପାସନା କରିବା ପାଇଁ କୌଣସି ଉଚିତ୍ ସ୍ଥାନ ମିଳୁନାହିଁ । ଏଥିରେ ରସୁଲେ କରିମ୍ ସ:ଆ:ସ ସେହି ଇସାଇମାନଙ୍କୁ ତାଙ୍କ ନିଜ ଶୈଳୀରେ ମଦିନାରେ ଅବସ୍ଥିତ ନିଜ ମସ୍‌ଜିଦ୍‌ରେ ଉପାସନା କରିବା ପାଇଁ ନିମନ୍ତ୍ରଣ ଦେଲେ । ରସୁଲେ କରିମ୍ ସ:ଆ:ସ ଏହି ମହାନ୍ ଉଦାହରଣ ଜରିଆରେ ସମଗ୍ର ମାନବଜାତି ପାଇଁ ଧର୍ମୀୟ ସହିଷ୍ଣୁତା ଓ ଧର୍ମୀୟ ସ୍ୱାଧୀନତାର ଏକ ଉଦାହରଣ ପ୍ରତିଷ୍ଠା କରିଦେଲେ । କିନ୍ତୁ ପୁଣି ମଧ୍ୟ କେତେକ ଲୋକ ପ୍ରଶ୍ନ କରୁଛନ୍ତି ଯେ ଇସ୍‌ଲାମ୍‌ର ପ୍ରଥମ ଯୁଗରେ ମୁସଲ୍‌ମାନମାନେ କାହିଁକି ଯୁଦ୍ଧ ଲଢ଼ିଲେ ?

ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ମୁଁ ଏହାର ସ୍ୱଷ୍ଟୀକରଣ ମଧ୍ୟ କରିଦେଉଛି ଯେ ଯେବେ ମଧ୍ୟ ଇସ୍‌ଲାମ୍ ତାର ଶକ୍ତିକୁ ବ୍ୟବହାର କରିବା ପାଇଁ ଅନୁମତି ଦେଇଛି ତାହା ଦେଶ ଉପରେ କବ୍‌ଜା କରିବା ପାଇଁ ବା ଲୋକମାନଙ୍କ ଉପରେ ଜୋର୍ ଜବର୍‌ଦସ୍ତି ଇସ୍‌ଲାମ୍‌କୁ ଗ୍ରହଣ କରାଇବା ନିମନ୍ତେ ଦେଇନାହିଁ । ବରଂ ପବିତ୍ର କୋରାନ୍ ଯେଉଁଠି ଇସ୍‌ଲାମ୍‌ର ପ୍ରଥମ ଯୁଗରେ କିଛିମାତ୍ରାରେ ଶକ୍ତି ପ୍ରୟୋଗ କରିବା ପାଇଁ ଅନୁମତି ଦେଇଛି ସେଠାରେ ବହୁତ ସ୍ୱଷ୍ଟ ରୂପେ ଏକଥା ନିର୍ଦ୍ଦେଶ ଦେଇଛି ଯେ ଏହି ଅନୁମତି କେବଳ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଦିଆଯାଇଛି ଓ ଏକଥାକୁ ନିଶ୍ଚିତ କରିବା ପାଇଁ ଦିଆଯାଇଛି ଯେ ପ୍ରକୃତ ଧର୍ମୀୟ ସ୍ୱାଧୀନତା ମିଳୁ । ଏଥିରୁ ସ୍ୱଷ୍ଟ ହେଉଛି ଯେ ଶକ୍ତି ବ୍ୟବହାର କରିବାର ଅନୁମତି ଇସ୍‌ଲାମ୍‌କୁ ବଂଚାଇବା ପାଇଁ ନୁହେଁ ବରଂ ଲୋକମାନଙ୍କ ଅଧିକାର ଓ ସବୁଧର୍ମର ସୁରକ୍ଷା ନିମନ୍ତେ ଦିଆଯାଇଥିଲା ଓ ସବୁ ଲୋକମାନଙ୍କ ଅଧିକାରକୁ ଜମାନତ୍ ଦେବାପାଇଁ ଦିଆଯାଇଥିଲା ଯେ ସେମାନେ ତାଙ୍କ ମନଇଛାରେ ଯେଉଁ ଧର୍ମକୁ ଗ୍ରହଣ କରିବାକୁ ଚାହାଁନ୍ତି କରିପାରିବେ । ସୁତରାଂ ପବିତ୍ର କୋରାନ୍‌ର ସୁରଃ ହଜ୍‌ର ଆୟତ-୪୧ରେ ଯେଉଁଠି ପ୍ରଥମଥର ପାଇଁ ମୁସଲ୍‌ମାନଙ୍କୁ ପ୍ରତିରକ୍ଷା ମୂଳକ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଯାଇଛି ସେଠାରେ ଏ କଥା ମଧ୍ୟ ସ୍ୱଷ୍ଟ କରାଯାଇଛି ଯେ ଇସ୍‌ଲାମ୍‌ର ବିରୋଧିମାନେ କୌଣସି ରାଜନୈତିକ, ଜାତୀୟ ବା ନିଜ କାରଣ ଯୋଗୁ ମୁସଲ୍‌ମାନ ମାନଙ୍କ ବିରୋଧରେ ଯୁଦ୍ଧ କରୁନଥିଲେ ବରଂ ଉକ୍ତ ଯୁଦ୍ଧର କାରଣ ତାଙ୍କ ଧର୍ମ ସହିତ ଘୃଣାଭାବ ହିଁ ଥିଲା । ଏହି ଆୟତରେ ଆସୁଛି ଯେ ଯଦି ମୁସଲ୍‌ମାନମାନେ ବର୍ତମାନ ଏହି ଅତ୍ୟାଚାର ଓ ଅନ୍ୟାୟ ବିରୋଧରେ ପଦକ୍ଷେପ ନ ଉଠାନ୍ତି ତେବେ ସମସ୍ତ ଧର୍ମ ନିଃଶେଷ ହୋଇଯିବ ଏବଂ ଧର୍ମୀୟ ସ୍ୱାଧୀନତା ବିଲ୍‌କୁଲ୍ ଶେଷ ହୋଇଯିବ । ଏହି ଆୟତ ବିଶେଷ ରୂପେ ଏକଥାର ଚର୍ଚ୍ଚା କରିଛି ଯେ ଯଦି ସେମାନଙ୍କ ଆକ୍ରମଣର ଉତର ନ ଦିଆଯାଏ ତେବେ ୟୁହୁଦୀମାନଙ୍କ ଉପାସନା ପୀଠ, ଇସାଇମାନଙ୍କ ଗୀର୍ଜା, ମସ୍‌ଜିଦ୍ ଏବଂ ଅନ୍ୟାନ୍ୟ ଉପାସନା ପୀଠମାନ ସୁରକ୍ଷିତ ରହିବେ ନାହିଁ । ସେଥିପାଇଁ ସତ୍ୟକଥା ହେଉଛି ଏହା କି ଅନ୍ୟମାନଙ୍କ ଉପରେ ପ୍ରତିବନ୍ଧକ ଲଗାଇବା ବା ଅନ୍ୟମାନଙ୍କ ଧର୍ମୀୟ ସ୍ୱାଧିନତାକୁ ଶେଷ କରିବା ପରିବର୍ତେ ପବିତ୍ର କୋରାନ୍ ନିଜେ ହିଁ ଧର୍ମୀୟ ସ୍ୱାଧୀନତା ଦେବାରେ ସମସ୍ତଙ୍କ ଆଗରେ ଶେଷ ହୋଇଛି । ଏତଦ୍‌ବ୍ୟତୀତ ପବିତ୍ର କୋରାନ୍ ଧର୍ମୀୟ ସ୍ୱାଧୀନତାକୁ ମାନବିକ ଅଧିକାର ମୂଳଦୁଆ ରୂପେ ଅଭିହିତ କରିଛି । ତେଣୁ ଏହାର ଅର୍ଥ ଏପରି ହେବ କି ପ୍ରକୃତ ମସ୍‌ଜିଦ୍ ହେଉଛି ଧର୍ମୀୟ୍ ସ୍ୱାଧିନତାର ସନ୍ତକ ଏବଂ ଆପୋଷ ସମ୍ମାନ, ଆପୋଷ ପ୍ରେମ ଓ ଭଲପାଇବାର ଉଜ୍ଜ୍ୱଳ ଦୀପ ଅଟେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁଁ ଆଶା କରୁଛି ଆପଣମାନଙ୍କର ଅହେମଦୀମାନଙ୍କ ସହିତ ପୂର୍ବରୁ ଯେଉଁ ସମ୍ପର୍କ ଥିଲା ସେଥିରେ ଆପଣମାନେ ପ୍ରେମ, ଭଲପାଇବା ଓ ଭାତୃଭାବର ମନୋଭାବ ହିଁ ଦେଖିଥିବେ । ତେଣୁ ଏହି ମସ୍‌ଜିଦ୍ ନିର୍ମାଣ ହେବା ପରେ ସେହି ସବୁ ମନୋଭାବ ଆହୁରି ଅଧିକା ବଢ଼ିଯିବ ଓ ଆମର ମାନବଜାତି ପ୍ରତି ଥିବା ସେବା ମନୋଭାବ, ପ୍ରେମ ଓ ଭଲପାଇବାର ବାର୍ତା ପୂର୍ବଠାରୁ ଅଧିକା ଚତୁଃପାର୍ଶ୍ୱରେ ଗୁଞ୍ଜରଣ କରିବ । ସ୍ଥାନୀୟ ଅହେମଦୀ ମୁସଲ୍‌ମାନମାନେ ଏହି ମସ୍‌ଜିଦ୍‌ର ପଡୋଶୀମାନଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ ନିଜର ଚେଷ୍ଟାକୁ ଆହୁରି ଅଧିକା ଜାରି ରଖିବେ । ବାସ୍ତବରେ ପବିତ୍ର କୋରାନ୍ ବାରମ୍ବାର ମୁସଲ୍‌ମାନମାନଙ୍କ ଧ୍ୟାନ ଆକର୍ଷଣ କରାଉଛି ଯେ ସେମାନେ ନିଜ ପଡୋଶୀମାନଙ୍କ ଅଧିକାରକୁ ପ୍ରଦାନ କରନ୍ତୁ ଓ ସେମାନଙ୍କ ସହିତ ପୂର୍ଣ୍ଣ ପ୍ରେମ ଓ ସ୍ନେହର ସହିତ ସଦ୍ ବ୍ୟବହାର କରନ୍ତୁ । ମୁଁ ଏକଥାକୁ ମଧ୍ୟ ସ୍ୱଷ୍ଟ କରୁଅଛି ଯେ ଆମର ପଡୋଶୀ କେବଳ ସେମାନେ ନୁହଁନ୍ତି, ଯେଉଁମାନେ ମସ୍‌ଜିଦ୍ ବା ଅହେମଦୀ ମାନଙ୍କ ଘରର ନିକଟରେ ଓ ଚାରି ପାଖରେ ରହୁଛନ୍ତି ବରଂ ପବିତ୍ର କୋରାନ୍ ଅନୁସାରେ ପଡୋଶୀମାନଙ୍କର କ୍ଷେତ୍ରଫଳ ଏହାଠାରୁ ଆହୁରି ବହୁତ ଅଧିକା ଓ ସେହି ପଡୋଶୀମାନଙ୍କ ମଧ୍ୟରେ ଆପଣମାନଙ୍କ ସହିତ କାମ କରୁଥିବା ଲୋକେ, ଆପଣମାନଙ୍କ ଅଧିନସ୍ଥ ଥିବା ଲୋକମାନେ ଆପଣମାନଙ୍କ ସହିତ ଯାତ୍ରା କରୁଥିବା ଲୋକମାନେ ଏହାଛଡା ଆହୁରି ମଧ୍ୟ ବହୁତ ଲୋକ ସାମିଲ୍ ଅଟନ୍ତି । ସାରାଂଶରେ ଏତିକି କହିବି ଏହି ସହରର ସମସ୍ତ ଲୋକେ ହିଁ ଆମର ପଡୋଶୀ ଅଟନ୍ତି ଓ ଏହା ଆମର ଧର୍ମୀୟ କର୍ତବ୍ୟ ଯେ ଆମେ ଆମ ପଡୋଶୀମାନଙ୍କ ସହିତ ପୂଣ୍ୟ ବ୍ୟବହାର, ପ୍ରେମ ଓ ଉନ୍ମୁକ୍ତ ହୃଦୟର ସହିତ ବ୍ୟବହାର କରିବୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ମୋର ଏ ପ୍ରାର୍ଥନା ଯେ ଏଠିକାର ସ୍ଥାନୀୟ ଅହେମଦୀମାନେ ମୋ କଥାନୁସାରେ ନିଜ ଜୀବନକୁ ବିତାନ୍ତୁ ଓ ପ୍ରତ୍ୟେକ ଦିନ ନିଜ କଥା ଓ କାର୍ଯ୍ୟଦ୍ୱାରା ଇସ୍‌ଲାମ୍‌ର ପ୍ରେମ ଓ ସ୍ନେହର ମୂଳବାର୍ତାର ପ୍ରକୃତ ପ୍ରତିଫଳନ କରନ୍ତୁ । ଈଶ୍ୱର କରନ୍ତୁ ଯେ ଅହେମଦୀମାନେ ନା କେବଳ ଏ ଇଲାକାରେ ବରଂ ସାରା ଦେଶରେ ଇସ୍‌ଲାମ୍‌ର ଶାନ୍ତିପୂର୍ଣ୍ଣ ବାର୍ତାକୁ ପ୍ରଚାର ପ୍ରସାର କରନ୍ତୁ । ଅଲ୍ଲାଃ କରନ୍ତୁ ଯେ ଅହେମଦୀମାନେ ନିଜ ପଡୋଶୀ ଓ ସମାଜର ଅନ୍ୟାନ୍ୟ ସଦସ୍ୟମାନଙ୍କ ସହିତ ପ୍ରେମ ଓ ସହାନୁଭୁତିର ସଦ୍‌ବ୍ୟବହାର ଦେଖାନ୍ତୁ, ଯଦ୍ୱାରା କିଛି ଅଣମୁସଲ୍‌ମାନଙ୍କ ମୁଣ୍ଡରେ ଇସ୍‌ଲାମ୍ ସମ୍ବନ୍ଧରେ ଯାହା କିଛି ସନ୍ଦେହ ଓ ଶଙ୍କା ରହିଯାଇଛି ତାହା ଯଥାଶିଘ୍ର ଶେଷ ହୋଇଯାଉ । ମୋର ଏ ପ୍ରାର୍ଥନା ଯେ ଅହେମଦୀମାନେ ଆମ ପବିତ୍ର ପୁସ୍ତକ ପବିତ୍ର କୋରାନ୍‌ର ସର୍ବୋତମ ଶିକ୍ଷା ଉପରେ ପରିଚାଳିତ ହୁଅନ୍ତୁ ଯଦ୍ୱାରା ଏଠିକାର ସ୍ଥାନୀୟ ଲୋକମାନେ ଇସ୍‌ଲାମ୍‌ର ବାସ୍ତବିକତାକୁ ଜାଣିପାରନ୍ତୁ । ଅଲ୍ଲାଃ କରନ୍ତୁ ଯେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଯିଏ ପବିତ୍ର କୋରାନ୍‌ର ଶିକ୍ଷାର ସମ୍ପୂର୍ଣ୍ଣ ଅନୁରୂପ ଥିଲେ ତାଙ୍କର ଉତମ ଓ ପୂଣ୍ୟ ଦୃଷ୍ଟାନ୍ତ ଏଠି ଆମେରିକାରେ ଓ ଏଠାରୁ ବାହାରେ ମଧ୍ୟ ଲୋକମାନଙ୍କ ଉପରେ ପ୍ରକାଶ ହେଉ ।

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan